ଧରିତ୍ରୀ
DHARITRI
December 8-14, 2019 ₹ 2/-

# ଛୁଟିଦିନ

## ରେକର୍ଡ ନିଶା

# ପାଦରେ ନୁହେଁ ଚାଲନ୍ତି ହାତରେ



୩
ପ୍ରଚ୍ଛଦ ପ୍ରସଙ୍ଗ

ଇଚ୍ଛା ଶକ୍ତି ଓ ଅଧ୍ୟବସାୟ ବଳରେ ଯେକୌଣସି ଅସମ୍ଭବ କାମ ବି ସମ୍ଭବ ହୋଇପାରେ ବୋଲି ମଣିଷ ବାରମ୍ବାର ପ୍ରମାଣ ଦେଇଆସିଛି। ଏଇ ଯେମିତି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ପାଦ ବଦଳରେ କେବଳ ହାତରେ ଚାଲି ନାହାନ୍ତି ଏପରି ଅନେକ କାମ ବି କରିଛନ୍ତି, ଯାହାକୁ ଦେଖିଲେ ଯେକେହି ଆଶ୍ଚର୍ଯ୍ୟ ହୋଇଯିବେ...

୮/୯
ସିନେମା



ସହରଠୁ ଦୂର
୧୩

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୮-୧୪

### ମେଷ



ମାନସିକ ସ୍ଥିରତା, ସାହିତ୍ୟରେ ପ୍ରଶଂସା। ପାରିବାରିକ ସଦ୍‌ଭାବ, ଭୂମି କ୍ରୟ ବିକ୍ରୟ। ନୂତନବନ୍ଧୁ ସମ୍ପର୍କ, ବ୍ୟବସାୟିକ ସଫଳତା, ଶାରୀରିକ ଅସୁସ୍ଥତା, ବାଦବିବାଦ, ପରିବହନରେ କ୍ଷତି, ପର୍ଯ୍ୟଟନର ସୁଯୋଗ, ପଡୋଶୀଙ୍କ ସହାନୁଭୂତି, ଶୁଭଖବର ପ୍ରାପ୍ତି।

### ବୃଷ



ଆର୍ଥିକ ଚିନ୍ତାରୁ ମୁକ୍ତି, ଲାଗି ରହିଥିବା ବହୁଦିନର ଶାରୀରିକ ସମସ୍ୟା ଦୂରେଇ ଯିବ, ମାଙ୍ଗଳିକ କାର୍ଯ୍ୟରେ ଯୋଗଦେବେ, ପାରିବାରିକ ସ୍ତରରେ ଦୃଢ ନିଷ୍ପତ୍ତି, ଖଳ ଲୋକଙ୍କ ଠାରୁ ଦୂରେଇ ରୁହନ୍ତୁ, ସଭାସମିତିକୁ ଆହ୍ୱାନ।

### ମିଥୁନ



ସୁବିଧା ସୁଯୋଗ ଲାଭ, ମୂଲ୍ୟବାନ ଦ୍ରବ୍ୟ କ୍ରୟ, ଅଳଙ୍କାର ବ୍ୟବସାୟରେ ଉନ୍ନତି, ଗବେଷଣାରୁ ସମ୍ମାନ, କଚେରି ମାମଲାରେ ହନ୍ତସନ୍ତ, ସନ୍ତାନ ହେତୁକ ମନସ୍ତାପ, ଚଳଚ୍ଚିତ୍ର ରିଲିଜ୍ ହୋଇପାରେ, ବନ୍ଧୁମିଳନ।

### କର୍କଟ



ଅର୍ଥ ସଙ୍କଟ, ବନ୍ଧୁଙ୍କ ସାହାଯ୍ୟ, ପାରିବାରିକ ସଦ୍ଭାବ, ପୁରାତନ ରୋଗରେ ପୀଡା, ଯାନବାହନର ନବୀକରଣ, ସଙ୍କଟରୁ ମୁକ୍ତି, ନୂତନ କାମର ଆରମ୍ଭ। କ୍ରୀଡାନୈପୁଣ୍ୟତା, କଳ କାରଖାନାରୁ ଲାଭ।

### ସିଂହ



ବ୍ୟୟବୃଦ୍ଧି, ଯଶଖ୍ୟାତି ପାଇବେ। ହୋଟେଲ ରେଷ୍ଟୁରାଣ୍ଟରୁ ଲାଭ, ସମ୍ପତ୍ତିକୁ ନେଇ ଟଣା ଓଟରା। ଭୁଲ୍ ବୁଝାମଣାରୁ ଅଶାନ୍ତି, ସ୍ତ୍ରୀଙ୍କ ସହ ମନୋମାଳିନ୍ୟ, ଶାରୀରିକ ଅସୁସ୍ଥତା, ସାଂଗଠନିକ କ୍ଷେତ୍ରରୁ ପ୍ରଶଂସା, ପ୍ରତିଯୋଗିତାରେ ସଫଳତା।

### କନ୍ୟା



ଅର୍ଥ ପ୍ରାଚୁର୍ଯ୍ୟ, ପରୋପକାର। ଯାନ୍ତ୍ରିକ ଜିନିଷ କ୍ରୟ, ନିର୍ମାଣରେ ବାଧା, ବ୍ୟବସାୟରେ ଉନ୍ନତି। କଚେରି ମାମଲାରୁ ଅଶାନ୍ତି, ରାଜନୈତିକ ସ୍ଥିରତା, ପଡୋଶୀଙ୍କ ପ୍ରୀତି, ଯାନବାହନରେ ତ୍ରୁଟି। ସନ୍ତାନ ହେତୁକ ସମସ୍ୟା।

### ତୁଳା



ନୂତନ କର୍ମାରମ୍ଭ, ଋଣ ପରିଶୋଧ, ସମ୍ପର୍କୀୟଙ୍କ ଅନୁକମ୍ପା, ମନୋବଳ ବୃଦ୍ଧି, ଭ୍ରାତୃ ସମ୍ପର୍କରେ ନ୍ୟୂନତା। ଯାନବାହନରେ କ୍ଷତି, ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି, ସଂଗୀତ ସମାରୋହରୁ ପ୍ରଶଂସା, ଚଳଚ୍ଚିତ୍ର ରିଲିଜ୍ ହୋଇପାରେ।

### ବିଛା



ନିରାଶାର ପରିସମାପ୍ତି, ସରକାରୀ ସୁବିଧା, ପରିବହନରୁ ସୁଫଳ। ସହକର୍ମୀଙ୍କ ବିଦେଶ ଯାତ୍ରାର ସୁଯୋଗ, ବାଣିଜ୍ୟରେ ଉନ୍ନତି, ଶେୟାର ବଜାରରୁ ଲାଭ, ସାମାଜିକ ପ୍ରତିଷ୍ଠା, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ, ବିବାଦରେ ଧନହାନି।

### ଧନୁ



ନୂତନ କର୍ମାରମ୍ଭ, ଯାନବାହନରେ ନବୀକରଣ, ପାରିବାରିକ ସୌହାର୍ଦ୍ଦ୍ୟ, ଆତ୍ମୀୟଙ୍କ ସୁପରାମର୍ଶ। ଗୃହ ଭୂମି ଲାଭ, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ଅର୍ଥ ସମ୍ପର୍କରେ ଉନ୍ନତି, ଜମିଜମା ବିବାଦ, ପ୍ରତିବନ୍ଧକ, ସ୍ୱାସ୍ଥ୍ୟ ସମସ୍ୟା।

### ମକର



ସମସ୍ୟା ସମାଧାନ, ସାମାଜିକ ସମ୍ମାନ, ବୈଷୟିକ ଉନ୍ନତି, ଜମିଜମା ଲାଭ, ପୁରାତନ ରୋଗର ପ୍ରାଦୁର୍ଭାବ, ମାନସିକ ଦୁଶ୍ଚିନ୍ତା, ପାରିବାରିକ ଦ୍ୱନ୍ଦ୍ୱ, ପରିବହନରେ ଲାଭ, ଆନୁଷ୍ଠାନିକ କର୍ମ ସମ୍ପାଦନ, ଦୂରଯାତ୍ରା, ସଭାସମିତିକୁ ଆହ୍ୱାନ।

### କୁମ୍ଭ



ବନ୍ଧୁ ବତ୍ସଳତା, ମାନସିକ ସୁସ୍ଥତା, ଅର୍ଥନୈତିକ ଅଭିବୃଦ୍ଧି, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ବ୍ୟବସାୟ ପ୍ରତିଷ୍ଠାନଦ୍ ଆରମ୍ଭ, ଯାନ୍ତ୍ରିକ ଜିନିଷ କ୍ରୟ, ପାରିବାରିକ ମତାନ୍ତର, ଜମିବାଡି ବିବାଦ, ବୈବାହିକ ସମ୍ପର୍କରେ ଅଗ୍ରଗତି, ଲେଖା ପଢାରେ ଉନ୍ନତି।

### ମୀନ



କାର୍ଯ୍ୟସିଦ୍ଧି, ଅର୍ଥଲାଭ, ଋଣ ପରିଶୋଧ କରିବେ, ସ୍ତ୍ରୀଙ୍କ ସୁପରାମର୍ଶ, ବିବାଦର ସମାଧାନ, ନୂତନ ସ୍ଥାନ ପରିଭ୍ରମଣ। ଅର୍ଥପ୍ରାପ୍ତିରେ ପ୍ରତୀକ୍ଷା, କର୍ମକ୍ଷେତ୍ରରେ ଅସହଯୋଗ, ପରୋକ୍ଷ ଶତ୍ରୁତା, ସ୍ୱାସ୍ଥ୍ୟ ସମସ୍ୟା, ବନ୍ଧୁମିଳନ।

# ପର୍ସରେ ରଖନ୍ତୁ ନାହିଁ....

**ପର୍ସ ବା ୱାଲେଟ ଟଙ୍କା ପଇସା ରଖିବା ପାଇଁ ଉଦ୍ଦିଷ୍ଟ। ତେବେ ଅନେକେ ଏଥିରେ ଏଭଳି କିଛି ଜିନିଷ ରଖିଥାନ୍ତି, ଯାହା ଧନହାନି ବା ଦୁର୍ଭାଗ୍ୟର କାରଣ ହୋଇଥାଏ। ତେବେ ଆସନ୍ତୁ ଜାଣିବା ପର୍ସ ବା ୱାଲେଟରେ କ'ଣ ସବୁ ରଖିବା ଉଚିତ ନୁହେଁ...**



✲ ପର୍ସ ବା ୱାଲେଟରେ ଚାବି ରଖିବା ଆଦୌ ଉଚିତ ନୁହେଁ। ଏହାଦ୍ୱାରା ସବୁବେଳେ ଧନର ଅଭାବ ଲାଗି ରହିଥାଏ ବୋଲି ବିଶ୍ୱାସ ରହିଛି।

✲ କିଛି ଜଣଙ୍କ ଅଭ୍ୟାସ ଥାଏ ପର୍ସରେ ବିଲ, ରସିଦ ବା ଜରୁରୀ କାଗଜପତ୍ର ରଖିବାର। ତେବେ ଏଭଳି କରିବା ମଧ୍ୟ ଉଚିତ ନୁହେଁ। ଏହାଦ୍ୱାରା ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡିଥାଏ।

✲ କିଛି ଜଣ ଶୋଇଲା ବେଳେ ୱାଲେଟକୁ ତକିଆ ତଳେ ରଖି ଶୋଇଥାନ୍ତି। ଏପରି କରିବା ମଧ୍ୟ ଉଚିତ ନୁହେଁ। ଏହାଦ୍ୱାରା ଆର୍ଥିକ ସଂକଟ ଦେଖାଦେଇଥାଏ।

✲ ଚିରା ଫଟା ୱାଲେଟରେ କଦାପି ଟଙ୍କା ରଖନ୍ତୁ ନାହିଁ।

✲ ବାସ୍ତୁ ଶାସ୍ତ୍ର ଅନୁଯାୟୀ ପର୍ସରେ କଦାପି ଉଧାର ଟଙ୍କା ରଖିବା ଉଚିତ ନୁହେଁ। ଏହା ଦ୍ୱାରା ଋଣ ହାର ବଢିଯାଇଥାଏ ବୋଲି ବିଶ୍ୱାସ ରହିଛି।

✲ ପର୍ସ ବା ୱାଲେଟକୁ କେବେ ବି ଖାଲି ରଖନ୍ତୁ ନାହିଁ। ଏଥିରେ ନିଶ୍ଚିତ ଭାବେ ଗୋଟିଏ କଏନ ବା ନୋଟ ରଖନ୍ତୁ।

✲ କଳା ରଙ୍ଗର ପର୍ସ ବା ୱାଲେଟରେ ଟଙ୍କା ରଖିଲେ ପାଖରେ ପଇସା ରୁହେ ନାହିଁ ବୋଲି ମଧ୍ୟ ବିଶ୍ୱାସ ରହିଛି।

# ସବୁଠାରୁ ଦାମୀ ଜୋତା

ଗହଣା ଏବଂ ପୋଷାକ ଭଳି ଜୋତା ମଧ୍ୟ ଆଭିଜାତ୍ୟର ଏକ ଅଂଶ ବିଶେଷ। ତେଣୁକରି ତ କୁହାଯାଏ ଜଣେ ବ୍ୟକ୍ତିଙ୍କ ପ୍ରକୃତ ବ୍ୟକ୍ତିତ୍ୱ ସେ ପିନ୍ଧିଥିବା ଜୋତାରୁ ଜଣାଯାଏ। ତେବେ ଦାମୀ ଗହଣା, ଦାମୀ ପୋଷାକ ଭଳି ପୃଥିବୀର ସବୁଠାରୁ ଦାମୀ ଜୋତା ଏବେ ପ୍ରଦର୍ଶିତ ହୋଇଛି ଦୁବାଇଠାରେ, ଯାହାର ମୂଲ୍ୟ ରହିଛି ୧୭ ମିଲିୟନ ଆମେରିକୀୟ ଡଲାର ଅର୍ଥାତ ୧୨୩ କୋଟି ଟଙ୍କା। ୟୁଏଇ ସ୍ଥିତ ବ୍ରାଣ୍ଡ ଜଡା ଦୁବାଇ ଏବଂ ପ୍ୟାଶନ ଜୁଏଲର୍ସର ମିଳିତ ଆନୁକୂଲ୍ୟରେ ପ୍ରସ୍ତୁତ କରାଯାଇଥିବା ଏହି ଲଗ୍‌ଜୁରୀ ଜୋତାରେ ହୀରା ଏବଂ ସୁନାର ବ୍ୟବହାର କରାଯାଇଛି। ୧୦୦ରୁ ଅଧିକ ହୀରାଖଚିତ ଏହି ଜୋତାରେ



ଦୁଇଟି ଦୁର୍ଲଭ ହୀରା ମଧ୍ୟ ଲଗାଯାଇଛି। କେବଳ ସେତିକି ନୁହେଁ, ଏହି ଜୋତା ଭିତରେ ଥିବା ଦୁଇଟି କମ୍ପାନୀର ଲୋଗୋ ମଧ୍ୟ ପ୍ରସ୍ତୁତ ହୋଇଛି ସୁନାରେ।

# ପାଠକୀୟ

❖ଡାଉ ରଙ୍ଗର କାନ୍ଥରେ ଧଳା ରଙ୍ଗର ଝୋଟି। ରାସ୍ତାଘାଟ ସୁନ୍ଦର ପରିଚ୍ଛନ୍ନ, ଘରେ ଘରେ ଶୌଚାଳୟ, ଗ୍ୟାସ ଆଉ ବିଶୁଦ୍ଧ ପିଇବା ପାଣି। ପଲିଥିନ୍, ପ୍ଲାଷ୍ଟିକ୍ ଏଠି ପୂରା ମନା। ଇଏ ହେଲା ନୟାଗଡ଼ ଜିଲାର ଇକୋ ଫ୍ରେଣ୍ଡଲି ଗାଁ ମୁଦୁଲିଗାଡ଼ିଆ। ଏଥରର ଛୁଟିଦିନ ପ୍ରଚ୍ଛଦ ପ୍ରସଙ୍ଗରୁ ଏହି ଗାଁ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'ସେଲିବ୍ରିଟିଙ୍କ ଟାଟୁ', 'ଅଣ୍ଡର ୱାଟର ମ୍ୟୁଜିକ୍ ଫେଷ୍ଟିଭାଲ' ଆଦି ପାଠଗୁଡ଼ିକ ବି ବେଶ୍ ମଜାଦାର୍ ଥିଲା। ***–ମାନିନୀ ବରାଳ, କେନ୍ଦ୍ରାପଡ଼ା***

❖ଉକ୍ତ ସଂଖ୍ୟାର ଛୁଟିଦିନରେ ପ୍ରକାଶିତ 'ଇକୋ ଭିଲେଜ ମୁଦୁଲିଗାଡ଼ିଆ' ସତରେ ଏକ ପ୍ରେରଣାଦାୟୀ ବିଷୟ ଥିଲା। ଏହି ଗାଁ ସମ୍ପର୍କରେ ପଢ଼ି ଅନ୍ୟ ଗ୍ରାମବାସୀ ବି ନିଜ ନିଜ ଗାଁକୁ ସଫାସୁତୁରା କ୍ଷେତ୍ରରେ ଆଗକୁ ଆଗେଇ ନେବା ପାଇଁ ନିଶ୍ଚୟ ଚେଷ୍ଟା କରିବେ, ଏଥିରେ ସନ୍ଦେହ ନାହିଁ। 'ଆକର୍ଷଣୀୟ ମାଛ' ପାଠଟି ବି ଏକ ଶିକ୍ଷଣୀୟ ବିଷୟ ଥିଲା। ଏଥିରୁ ଅନେକ ରଙ୍ଗିନ ମାଛର ଫଟୋ ବି ଦେଖିବାକୁ ମିଳିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ଗୀତିକାର କବି ପ୍ରଦୀପଙ୍କର ବ୍ୟକ୍ତିଗତ ଜୀବନୀ ସମ୍ପର୍କରେ ଜାଣିବାକୁ ସୁଯୋଗ ମିଳିଲା।

***–ଅମରେନ୍ଦ୍ର ମାନସିଂହ, ସୋରଣ, ଖୋର୍ଦ୍ଧା***

❖ସୃଜନ ପୃଷ୍ଠାରେ ସ୍ଥାନିତ 'ସତସପନ' ନାମକ ଗପଟିକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା। ସେହିପରି 'ଯଦି କେବେ' ଏବଂ 'ଅବସୋସ' ନାମକ କବିତା ଦୁଇଟି ବି ବେଶ୍ ମନଛୁଆଁ ହୋଇପାରିଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ସାରାଙ୍କ ଟେନସନ', 'କ'ଣ କରୁଛନ୍ତି ଇଲିଆନା', 'ସୁଜୟଙ୍କ ପ୍ରଶଂସାରେ ସୋନମ' ଆଦି ପାଠଗୁଡ଼ିକ ବି ବେଶ୍ ମଜାଦାର୍ ଲାଗୁଥିଲା। ପ୍ରଥମ ରୋଜଗାର ସ୍ତମ୍ଭରୁ ସାମାଜିକ କର୍ମୀ ତଥା ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାରର ପ୍ରତିଷ୍ଠାତା ସଞ୍ଜୟ ସାହୁଙ୍କ ରୋଜଗାର ସମ୍ପର୍କିତ ଲେଖା ବି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ମଡେଲ୍ ସୁସ୍ମିତା ବି ଖୁବ୍ ସୁନ୍ଦରୀ ଲାଗୁଥିଲେ। ***–ବିଶ୍ୱଜିତ୍ ମହାନ୍ତି, ଫୁଲନଖରା, କଟକ***

❖'ଅଜବ ଶିଶୁଙ୍କ ଗଜବ କଥା' ପାଠଟିରୁ ଅନେକ ଆଶ୍ଚର୍ଯ୍ୟକର ଶିଶୁଙ୍କ ସମ୍ପର୍କରେ ପଢ଼ିବାକୁ ମିଳିଲା। ଛତିଶଗଡ଼ର ଶିମ୍‌ଲା ମୈନପାଟ ସମ୍ପର୍କରେ ବି ଅନେକ ନୂଆ କଥା ଜାଣିହେଲା। ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ 'ନୀଳ ନୟନା ନିଶାରେ ହୋଇଥିଲେ ଅନ୍ଧୁଣୀ' ପାଠଟି ସତରେ ବେଶ୍ ଆଶ୍ଚର୍ଯ୍ୟକର ଥିଲା।

***–ସଂଘମିତା ଷଡ଼ଙ୍ଗୀ, ବରମୁଣ୍ଡା, ଭୁବନେଶ୍ୱର***

❖ବ୍ୟାକ୍‌ପେଜ୍ ପୃଷ୍ଠାଟି ସତରେ ଖୁବ୍ ସୁନ୍ଦର ହୋଇପାରୁଛି। ଏଥିରେ ପ୍ରକାଶ ପାଉଥିବା ଛୋଟ ଛୋଟ ଆଶ୍ଚର୍ଯ୍ୟକର ଲେଖାଗୁଡ଼ିକ ଆଖିଦୃଶିଆ ହେବା ସହ ମନଲାଖି ହେଉଛି। ଅନ୍ୟପକ୍ଷେ ମଞ୍ଚମାୟା ପୃଷ୍ଠାରୁ ଯାତ୍ରା ସମ୍ପର୍କିତ ପାଠ ପଢ଼ି ଅନେକ ଅଜଣା ଖବର ଜାଣି ହେଉଛି।

***–ରୂପଶୀ ପ୍ରଧାନ, ଜୟପୁର ଛକ, ସାକ୍ଷୀଗୋପାଳ***

## ବିଶେଷ ଚିଠି



**ଶୀ**ତ ସକାଳରେ ଛୁଟିଦିନ ଆସେ
ସଦ୍ୟ ଫୁଲଟିଏ ପରି,
ଭିତର ବାହାର ବହୁତ ସୁନ୍ଦର
ବାସନାରେ ଥାଏ ଭରି।
ପ୍ରଚ୍ଛଦ, ବ୍ୟକ୍ତିତ୍ୱ, ସାଥୀ ଓ ସିନେମା
ପାଠକର ଆପଣାର,
ସାହିତ୍ୟ, ସୃଜନ, କବିତା ଓ ଗଳ୍ପ
ମନ ଜିଣେ ବାରମ୍ବାର।
ଝରୁଥାଉ ହସ ଭରୁଥାଅ ବାସ
ଯୁଗ ଯୁଗ ଏହିପରି
ତୁମବିନା ସବୁ ଅଧା ଅଧା ଲାଗେ
ତମେ ସତେ କି ସୁନାର ପରୀ।

***–ଅଶୋକ ରାଉଳ, ଅଢ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର***

ଧରିତ୍ରୀ ଛୁଟିଦିନ ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ରେକର୍ଡ ନିଶା

# ପାଦରେ ନୁହେଁ ଚାଲନ୍ତି ହାତରେ



ଜାମା

ଇଚ୍ଛା ଶକ୍ତି ଓ ଅଧ୍ୟବସାୟ ବଳରେ ଯେ କୌଣସି ଅସମ୍ଭବ କାମ ବି ସମ୍ଭବ ହୋଇପାରେ ବୋଲି ମଣିଷ ବାରମ୍ବାର ପ୍ରମାଣ ଦେଇଆସିଛି। ଏଇ ଯେମିତି ଭଗବାନ ଆମକୁ ପାଦ ଦେଇଛନ୍ତି ଚାଲିବା ପାଇଁ ଆଉ ହାତ ଦେଇଛନ୍ତି ଦୈନନ୍ଦିନ କାର୍ଯ୍ୟ କରିବା ପାଇଁ। କିନ୍ତୁ ଏମିତି ବି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ପାଦ ବଦଳରେ ହାତ ସାହାଯ୍ୟରେ ଚାଲିବାକୁ ଚେଷ୍ଟାକରି ସେଥିରେ ସଫଳ ହୋଇଛନ୍ତି। କେବଳ ସେତିକି ନୁହେଁ, ହାତ ସାହାଯ୍ୟରେ ଚାଲି ସେମାନେ ଏମିତି ଅନେକ କାମ ବି କରୁଛନ୍ତି ଯାହାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି। ଏଠାରେ ସେମିତି କେତେଜଣ ହାତରେ ଚାଲୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଉଲ୍ଲେଖ କରାଗଲା....

**ରିୟଲ୍ ହିରୋ ଦିରାର୍:** ଇଥିଓପିଆର ଦିରାର୍ ଅବୋହୋୟ। ବୟସ ପାଖାପାଖି ୩୨/୩୩ ବର୍ଷ ହେବ। ପିଲାଟିଦିନରୁ ଚାଇନିଜ୍ ଓ ହଲିଉଡ୍ ଫିଲ୍ମ ଦେଖିବା ତାଙ୍କର ଖୁବ୍ ପସନ୍ଦ। ଆଉ ଏହି ଫିଲ୍ମ ହିଁ ତାଙ୍କୁ ଏମିତି ଏକ କାମ କରିବାକୁ ପ୍ରେରଣା ଦେଇଛି, ଯେଉଁଥିପାଇଁ ସେ ଏବେ ଖୁବ୍ ଚର୍ଚ୍ଚାରେ ଅଛନ୍ତି। କଥା କ'ଣ କି, ଚାଇନିଜ୍ ଏବଂ ହଲିଉଡ୍ ଫିଲ୍ମରେ ସାଧାରଣତଃ ଅନେକ ଷ୍ଟଣ୍ଟ ସିନ୍ ଥାଏ। ପିଲାଦିନୁ ଦିରାର୍ ସେହି ସବୁ ଷ୍ଟଣ୍ଟ ସିନ୍‌କୁ ଦେଖି ଭାବୁଥିଲେ ତାହା ସବୁ ସତ ଆଉ ଫିଲ୍ମ ହିରୋମାନେ ହିଁ ଏସବୁ ଷ୍ଟଣ୍ଟ କରୁଛନ୍ତି। ତାଙ୍କର ଭିଜୁଆଲ୍ ଏଡିଟିଂ ଉପରେ ଆଦୌ ଧାରଣା ନ ଥିଲା। ତେଣୁ ସେ ଚିନ୍ତା କଲେ ଯଦି ଫିଲ୍ମର ହିରୋମାନେ ଏମିତି ଦୁଃସାହସିକ ଷ୍ଟଣ୍ଟ ସବୁ ଦେଇପାରୁଛନ୍ତି, ତା'ହେଲେ ମୁଁ କାହିଁକି ପାରିବିନି। ତେଣୁ ସେ ବି କିଛି ଗୋଟାଏ ନିଆରା ଷ୍ଟଣ୍ଟ ଦେବା ପାଇଁ ଇଚ୍ଛା କରି ହାତରେ ଚାଲିବାର କୌଶଳ ଶିଖିଲେ। ହେଲେ ମୁଣ୍ଡ ତଳକୁ ଗୋଡ଼ ଦୁଇଟିକୁ ଉପରକୁ କରି ହାତ ସାହାଯ୍ୟରେ ଚାଲିବା ଏତେ ସହଜ କଥା ନ ଥିଲା। କିନ୍ତୁ ଅଭ୍ୟାସ ଦ୍ୱାରା ଯେ ଅସମ୍ଭବ କାମ ବି ସମ୍ଭବ ହୋଇପାରେ, ତାହା ଦିରାର୍ ପ୍ରମାଣ କରି ଦେଖାଇଦେଲେ। କିଛିଦିନ ବ୍ୟବଧାନ ଭିତରେ ହାତରେ ଚାଲିବାରେ ସତେ ଯେମିତି

**ଇଚ୍ଛା ଶକ୍ତି ଓ ଅଧ୍ୟବସାୟ ବଳରେ ଯେକୌଣସି ଅସମ୍ଭବ କାମ ବି ସମ୍ଭବ ହୋଇପାରେ ବୋଲି ମଣିଷ ବାରମ୍ବାର ପ୍ରମାଣ ଦେଇଆସିଛି। ଏଇ ଯେମିତି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ପାଦ ବଦଳରେ କେବଳ ହାତରେ ଚାଲି ନାହାନ୍ତି ଏପରି ଅନେକ କାମ ବି କରିଛନ୍ତି, ଯାହାକୁ ଦେଖିଲେ ଯେକେହି ଆଶ୍ଚର୍ଯ୍ୟ ହୋଇଯିବେ...**

ବିଜୟ ହାସଲ କରିଗଲେ ସେ। ଦିରାର୍ ହାତରେ କେବଳ ଚାଲୁଥିଲେ ତାହା ନୁହେଁ ଧୀରେ ଧୀରେ ସେ ହାତ ସାହାଯ୍ୟରେ ଶିଡ଼ି ଚଢ଼ିବା, ହାତରେ ଚାଲି ଚାଲି କାର୍‌କୁ ଟାଣିବା, ପାହାଡ଼ ଚଢ଼ିବା ଓ ଓହ୍ଲେଇବା, ପାଚେରି ଉପରେ ଡେଇଁ ଡେଇଁକି ଯିବା ଏପରି କି ହାତରେ ଚାଲିବା ସମୟରେ ଅନ୍ୟ ଜଣଙ୍କୁ ଟେକିକି ନେଇ ଯିବାର କାମ ବି ସେ ଅତି ସହଜରେ କରିପାରୁଥିଲେ। ଆଉ ଏଥିପାଇଁ ତାଙ୍କୁ ପ୍ରତିଦିନ ସକାଳେ ୩ ଘଣ୍ଟା ଏବଂ ସନ୍ଧ୍ୟାରେ ୩ ଘଣ୍ଟା କଠିନ ଅଭ୍ୟାସ କରିବାକୁ ପଡୁଥିଲା। ଧୀରେ ଧୀରେ ଦିରାର୍‌ଙ୍କର ଏଭଳି କାରନାମା ସମ୍ପର୍କରେ ଲୋକେ ଅବଗତ ହେବା ପରେ ସୋସିଆଲ୍ ମିଡିଆରେ ତାଙ୍କର ଖୁବ୍ ଚର୍ଚ୍ଚା ହେବାକୁ ଲାଗିଲା। କିଛି ଲୋକ ତାଙ୍କୁ ରିୟଲ୍ ହିରୋର ଆଖ୍ୟା ଦେବାବେଳେ ଆଉ କିଛି ଲୋକ ତାଙ୍କୁ ରେକର୍ଡ କରି ନାଁ କମାଇବା ପାଇଁ ବି ପରାମର୍ଶ ଦେଲେ। ଫଳରେ ସେବେଠାରୁ ଦିରାର୍ ତାଙ୍କର ଏହି ଅଭ୍ୟାସ ଜାରି ରଖି ସେହି ଶୁଭଦିନକୁ ଅପେକ୍ଷା କରି ରହିଛନ୍ତି।

### ଗୋଟିଏ ହାତରେ ରେକର୍ଡ ରଚିଲେ

**ଜାମା:** ଦକ୍ଷିଣ ଆଫ୍ରିକାର ୨୮ ବର୍ଷର ଜଣେ ଯୁବକ ହେଲେ ଜାମା ମୋଫୋକେଙ୍ଗ। ପିଲାଟି ଦିନରୁ ନୂଆ ନୂଆ କୌଶଳ ପରିଦର୍ଶନ କରାଇବାରେ ଥିଲା ତାଙ୍କର ଖୁବ୍ ରୁଚି। ସେଥିପାଇଁ ୧୦ ବର୍ଷ ବୟସରୁ ସେ ଜିମ୍‌ନାଷ୍ଟିକ୍ ଶିଖିବା ଆରମ୍ଭ କରିଥିଲେ। ହେଲେ ଦୁଃଖର ବିଷୟ ତାଙ୍କୁ ଯେତେବେଳେ ମାତ୍ର ୧୩ ବର୍ଷ ବୟସ ହୋଇଥିଲା, ସେ ଗୋଟିଏ ଦୁର୍ଘଟଣାର ସମ୍ମୁଖୀନ ହେଲେ। ଯେଉଁଥିରେ ତାଙ୍କର ଗୋଟିଏ ହାତ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଡାକ୍ତର ତାଙ୍କୁ ଆଉ ଏଭଳି ଦୁଃସାହସିକ କାମ କରିବା ପାଇଁ ମନା କରିଥିଲେ। ହେଲେ ମନର ଇଚ୍ଛାକୁ କିଏ କ'ଣ ଏତେ ସହଜରେ ଭୁଲିପାରେ। ଜାମା ନିଜ ମନକୁ ଦୃଢ଼ କଲେ। ଗୋଟିଏ ହାତ ଭାଙ୍ଗିଯାଇଥିଲେ କ'ଣ ହେଲା ତାଙ୍କର ଆଉ ଏକ ହାତ ତ ଅଛି। ଆଉ ସେହି ଗୋଟିଏ ହାତ ସାହାଯ୍ୟରେ ସେ ଏମିତି କିଛି କରି ଦେଖାଇବେ ଯାହାକୁ ନେଇ ତାଙ୍କର ଖୁବ୍ ଚର୍ଚ୍ଚା ହେବ, ସେ ଲକ୍ଷ୍ୟରେ ସେ ରହିଲେ। ଶେଷରେ ସେ ଗୋଟିଏ ହାତ ସାହାଯ୍ୟରେ ବ୍ୟାକ୍ ହ୍ୟାଣ୍ଡସ୍ପ୍ରିଙ୍ଗ୍ସ (ପ୍ରଥମେ ହାତ ତଳେ ଦେଇ ପଛୁଆ ଡେଇଁ ଗୋଡରେ ଠିଆ ହୋଇଯିବାର ଖେଳ) କରିବା ଆରମ୍ଭ କରିଦେଲେ। ସେ ଯେହେତୁ ଜିମ୍‌ନାଷ୍ଟିକ୍ ଶିଖୁଥିଲେ ତେଣୁ ତାଙ୍କ ପାଖେ ଏହାକୁ ଗୋଟିଏ ହାତରେ ବାଲାନ୍ସ କରିବା ସେତେ କଷ୍ଟ ହେଲା ନାହିଁ। ଏହାକୁ ବାରମ୍ବାର ଅଭ୍ୟାସ କରିବା ଦ୍ୱାରା ସେ ଲଗାତର ୩୪ଥର ଗୋଟିଏ ହାତରେ ବ୍ୟାକ୍ ହ୍ୟାଣ୍ଡସ୍ପ୍ରିଙ୍ଗ୍ସ କରି ଏକ ନିଆରା ରେକର୍ଡ ସୃଷ୍ଟି କରିବାରେ ସକ୍ଷମ ହେଲେ। ତେଣୁ ଜାମାଙ୍କର ଦୃଢ଼ ଇଚ୍ଛାଶକ୍ତି ଓ କଠିନ ଅଧ୍ୟବସାୟ ହିଁ ତାଙ୍କୁ ଆଜି ଏହି ସଫଳତା ଆଣିଦେଇଛି ବୋଲି କହିଲେ, ଆଦୌ ଭୁଲ୍ ହେବ ନାହିଁ।

→



ଦିରାର୍

**ହାତରେ ଚାଲି ରେକର୍ଡ କଲେ ଝାଙ୍ଗ୍:** ଚାଇନାର ଜଣେ ୨୪ ବର୍ଷର ଯୁବକ ହେଲେ ଝାଙ୍ଗ୍ ସୁଆଙ୍ଗ । ସେ ଜଣେ ଭଲ ଖେଳ ଛାତ୍ର ମଧ୍ୟ । ପିଲାଟି ଦିନରୁ ଖେଳ ଦିଗରେ ନାଁ କମାଇବାର ଲକ୍ଷ୍ୟ ସେ ରଖିଥିଲେ । ଯାହାକୁ ପୂରଣ କରିବା ପାଇଁ ସେ ଖୁବ୍ କଠିନ ପରିଶ୍ରମ ବି କରୁଥିଲେ । ଖେଳ ଅଭ୍ୟାସ କରିବା ସମୟରେ ହିଁ ତାଙ୍କର ମୁଣ୍ଡ ତଳକୁ ଗୋଡ଼ ଉପରକୁ କରି ହାତ ସାହାଯ୍ୟରେ ଚାଲିବାର ଏକ ନିଆରା ପ୍ରୟାସ ଆରମ୍ଭ ହୋଇଥିଲା । କ୍ରମେ ଏହି ଦିଗରେ ରେକର୍ଡ କରିବା ପାଇଁ ସେ ଚିନ୍ତା କଲେ । ଯେଉଁଥିପାଇଁ ସେ ଭୋର୍‌ରୁ ରାତି ପର୍ଯ୍ୟନ୍ତ କଠିନ ପରିଶ୍ରମ କରି ହାତରେ ଚାଲିବାର ଅଭ୍ୟାସ ବଢ଼ାଇ ଚାଲିଥିଲେ । ତାଙ୍କୁ ଏ କ୍ଷେତ୍ରରେ ତାଙ୍କ ଟ୍ରେନର୍ ବି ବହୁତ ସାହାଯ୍ୟ କରୁଥିଲେ । ଯଦ୍ୱାରା ମାତ୍ର କେଇ ସେକେଣ୍ଡରେ ଝାଙ୍ଗ୍ ହାତ ସାହାଯ୍ୟରେ ପ୍ରାୟ ୫୦ମି. ଚାଲିବାରେ ସକ୍ଷମ ହୋଇପାରିଥିଲେ । ଏହାପରେ ସେ ପାଦ ମଝିରେ ସକର୍ ବଲ୍ ରଖି ବି ହାତ ସାହାଯ୍ୟରେ ପ୍ରାୟ ୫୦ ମିଟର ଚାଲିବାର ଅଭ୍ୟାସ ଆରମ୍ଭ କଲେ । କେବଳ ସେତିକି ନୁହେଁ ହାତ ସାହାଯ୍ୟରେ ପାହାଚ ଚଢ଼ିବା, ଓହ୍ଲାଇବା କାମ ବି ସେ ଖୁବ୍ ସହଜରେ କରି ପାରୁଥିଲେ । ତେବେ ଖୁବ୍ କମ୍ ସମୟର ବ୍ୟବଧାନରେ କିପରି ଅଧିକ ସମୟ ହାତରେ ଚାଲିହେବ, ତା'ଉପରେ ଝାଙ୍ଗ୍ ଦକ୍ଷତା ହାସଲ କରି ଏକ ନିଆରା ରେକର୍ଡ ସୃଷ୍ଟି କରିବାରେ କ୍ରମେ ସଫଳ ହେଲେ । ଆଉ ଏସବୁ କେବଳ ତାଙ୍କର ଅଧ୍ୟବସାୟ ଦ୍ୱାରା ହିଁ ସମ୍ଭବ ହୋଇପାରିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

**ରେକର୍ଡ ଅପେକ୍ଷାରେ ସୌଭାଗ୍ୟ:** ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଗୁରା ଗାଁର ଜଣେ ୨୪/୨୫ ବର୍ଷର ଯୁବକ ହେଲେ ସୌଭାଗ୍ୟ ରଞ୍ଜନ ବରାଡ଼ । ଲକ୍ଷ୍ମୀଧର ବରାଡ଼ ଓ କଳାବତୀ ବରାଡ଼ଙ୍କର ଦୁଇ ପୁଅ ମଧ୍ୟରୁ ସେ ହେଉଛନ୍ତି ବଡ଼ । ପିଲାଟି ଦିନରୁ ବାପା, ଜେଜେବାପା ତଥା ଅଜାଙ୍କର ପାଇକ ଆଖଡ଼ା କରୁଥିବାର ଦୃଶ୍ୟକୁ ଦେଖି ଦେଖି ସେ ବଡ଼ ହେଉଥିଲେ । ତାଙ୍କ ଭିତରେ ବି ଏମିତି କିଛି ନିଆରା କଳା କୌଶଳ କରିବାର ଇଚ୍ଛା ଜାଗ୍ରତ ହେଲା । ଥରେ ସ୍କୁଲ୍ ସାଙ୍ଗମାନେ ଯୋଗଗୁରୁ ରାମଦେବ ବାବା କେମିତି ମୁଣ୍ଡ ତଳକୁ ଗୋଡ଼ ଉପରକୁ କରି ହାତରେ ଚାଲି ପାରୁଛନ୍ତି, ସେ ନେଇ କଥାବାର୍ତ୍ତା ହେଉଥିବାର ଶୁଣି ସୌଭାଗ୍ୟଙ୍କର ବି ସେମିତି କରିବାକୁ ଇଚ୍ଛା ହେଲା । ହେଲେ ଘରଲୋକେ ଏମିତି କରୁଥିବାର ଦେଖିଲେ କାଳେ ରାଗିବେ, ସେଥିପାଇଁ ଲୁଚି ଲୁଚି ସେ ଏହାକୁ ଅଭ୍ୟାସ କରୁଥିଲେ । ପ୍ରଥମେ କାନ୍ଥକୁ ଲାଗିକି ମୁଣ୍ଡ ତଳକୁ ଗୋଡ଼ ଉପରକୁ କିପରି କରାଯାଏ, ତାହା ସେ ଶିଖିଲେ । କିଛିଦିନର ଅଭ୍ୟାସ ପରେ ଏଥିରେ ସଫଳ ହୋଇଯିବାରୁ ସେ କ୍ରମେ କାନ୍ଥ ଛାଡ଼ିକି ଖାଲିରେ ଏପରି କରିବାକୁ ଲାଗିଲେ । ପ୍ରାୟ ୨/୩ ମାସର ଅଭ୍ୟାସ ପରେ ସେ ଏଥିରେ ବି ସଫଳ ହୋଇଗଲେ । ତା'ପରେ ତାଙ୍କର ହାତରେ ଚାଲିବାର ପ୍ରୟାସ ଆରମ୍ଭ ହେଲା । କିନ୍ତୁ ଏଥିରେ ସେ ସଫଳତା ପାଇପାରିଲେ ନାହିଁ। ଏହାକୁ କରିବାକୁ ଯାଇ ସେ ଅନେକ ଥର ଭୂମିରେ କଚାଡି ହୋଇ ପଡୁଥିଲେ । ତାଙ୍କୁ ସେତେବେଳେ ବୟସ ୧୨/୧୩ ବର୍ଷ ହେବ । ଏତେ କମ୍ ବୟସରୁ ତାଙ୍କର ଏମିତି ଗୋଟେ ଦୁଃସାହସିକ କାମ କରିବାର ଇଚ୍ଛା ଥିବା କଥା ଜାଣିଲେ କାଳେ କିଏ ରାଗିବେ, ସେଥିପାଇଁ ସେ ସାହସ କରି କାହାରିକୁ କିଛି ଜଣାଇ ପାରୁ ନଥିଲେ କି କାହାଠାରୁ କିଛି ସହଜ ଉପାୟ ବୁଝି ପାରୁ ନଥିଲେ । ତେଣୁ କିଛିଦିନ ପାଇଁ ସେ ଏହି ପ୍ରୟାସକୁ ବନ୍ଦ କରିଦେଇ ବିଭିନ୍ନ ପ୍ରକାର ଯୋଗ କରିବା ଶିଖିଲେ । ତା'ସହିତ ତାଙ୍କ ବାପା ଯେହେତୁ ଜଣେ କୃଷକ ଶ୍ରେଣୀୟ ଲୋକ ଥିଲେ ତେଣୁ ପରିବାରର ଦୁର୍ବଳ ଆର୍ଥିକ ଅବସ୍ଥାକୁ ସୁଧାରିବା ପାଇଁ ସେ ମନନେଇ ପାଠପଢ଼ିଲେ । ଆଉ ମାଟ୍ରିକ୍ ପରେ ଆଇଟିଆଇ ଓ ତା'ପରେ ଇଲେକ୍ଟ୍ରିକାଲ୍‌ରେ ଡିପ୍ଲୋମା ପାସ୍ କରି ଖୋର୍ଦ୍ଧାସ୍ଥିତ ଏକ ବିସ୍କୁଟ୍ କମ୍ପାନୀରେ ଇଲେକ୍ଟ୍ରିକାଲ୍ ମେଣ୍ଟେନାନ୍ସ ଷ୍ଟାଫ୍ ଭାବେ କାମ କରିବାକୁ ଲାଗିଲେ । ଯେଉଁଠାରେ ସେ ଏବେ ବି କାର୍ଯ୍ୟରତ । ହେଲେ ଏତେ ସବୁ ଦାୟିତ୍ୱ ଭିତରେ ବି ସୌଭାଗ୍ୟ ତାଙ୍କର ସେହି ଅପୂରଣୀୟ ଇଚ୍ଛାଟିକୁ ପାସୋରି ପାରି ନ ଥିଲେ । ଶେଷରେ ୨୦୧୭ରେ ପୁଣି ଥରେ ସେହି ପ୍ରୟାସକୁ ଜାରି କରିବା ପାଇଁ ସୌଭାଗ୍ୟ ଅଣ୍ଟା ଭିଡ଼ିଲେ । କାରଣ ସେତେବେଳେ ଏକ ସ୍ମାର୍ଟଫୋନ୍ କିଣିବାର ସୁଯୋଗ ସେ ପାଇଥିଲେ । ଆଉ ଏହି ସ୍ମାର୍ଟଫୋନ୍‌ରେ ଥିବା ୟୁଟ୍ୟୁବ୍‌ରେ ସର୍ଚ୍ଚ କରି ସୌଭାଗ୍ୟ ହାତରେ ଚାଲିବାର କିଛି ସରଳ ଟିପ୍ସ ଶିଖିଲେ । ଯଦ୍ୱାରା ଖୁବ୍ କମ୍‌ଦିନ ଭିତରେ ସେ ଆରାମରେ ଗୋଟିଏ କୋଠରି ଭିତରେ ହାତ ସାହାଯ୍ୟରେ ଚାଲିବାର ଅଭ୍ୟାସ କରିନେଲେ । ଏହାପରେ ପୁଣି ସେ ୟୁଟ୍ୟୁବ୍‌ରେ ଦେଖିଲେ ଏହାକୁ ନେଇ କିଏ କେମିତି ରେକର୍ଡ କରିଛନ୍ତି । ତେଣୁ ସେ ବି ରେକର୍ଡ କରିବା ନିଶାରେ ରହିଲେ । କିନ୍ତୁ ଏହି ରେକର୍ଡ କରିବାକୁ ହେଲେ ତାଙ୍କୁ ରାସ୍ତାରେ କିଛିବାଟ ହାତରେ ଚାଲିବାକୁ ହେବ । କିନ୍ତୁ ରାସ୍ତାକୁ ଯିବେ କେମିତି । ଦିନରେ କଲେ ଲୋକମାନେ ଦେଖିବେ । କାଳେ କିଏ କ'ଣ କହିବେ । ଆଉ ରାତିରେ ତ ଗାଁରାସ୍ତା ପୂରା ଅନ୍ଧାର । ସେଥିପାଇଁ ସେ ତାଙ୍କ ସାନଭାଇର ସାହାଯ୍ୟ ନେଲେ । ସାନଭାଇ ରାତିରେ ଗାଁପାଖ ମାଗୁରା-ବାଙ୍କୋଇ ରାସ୍ତାରେ ମୋବାଇଲ୍ ଫୋନ୍‌ର ଟର୍ଚ୍ଚ ଲଗାଇ ତାଙ୍କୁ ଦେଖାଇଲେ ଆଉ ସେ ରାସ୍ତାରେ ହାତ ସାହାଯ୍ୟରେ ଚାଲିବାକୁ ଲାଗିଲେ । ଧୀରେ ଧୀରେ ଏହି ଅଭ୍ୟାସ କରୁ କରୁ ତାଙ୍କ ଭିତରେ ଆତ୍ମବିଶ୍ୱାସ ଆସିଗଲା । ତେଣୁ ସେ ଏକଥା ଘରେ ଜଣାଇଲେ । ଘରେ ପ୍ରଥମେ ରାଜି ହେଉ ନ ଥିଲେ, ହେଲେ ସୌଭାଗ୍ୟଙ୍କର ଇଚ୍ଛାଶକ୍ତି ଦେଖି ଏହି ଅଭ୍ୟାସ ଜାରି ରଖିବାକୁ ତାଙ୍କୁ ଅନୁମତି ଦେଲେ । ବାସ୍ ସେବେଠାରୁ ସୌଭାଗ୍ୟ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ୟା'ଭିତରେ ସେ ହାତରେ ପାଖାପାଖି ୩୦୦ ମିଟର ଚାଲିବାରେ ସକ୍ଷମ ହୋଇସାରିଲେଣି । କେବଳ ସେତିକି ନୁହେଁ ଚକ୍ରାଶନରେ ବି ୨୫୦ ମିଟର ଚାଲିବାରେ ସେ ସଫଳତା ହାସଲ କରିସାରିଲେଣି । ହେଲେ ଦୁଃଖର ବିଷୟ ତାଙ୍କ ଭିତରେ ଏତେ ପ୍ରତିଭା ଥାଇ ବି ସେ ଦୀପତଳ ଅନ୍ଧାର ଭଳି ଲୋକଲୋଚନର ଆଢୁଆଳରେ ରହିଯାଇଛନ୍ତି । ରେକର୍ଡ ପାଇଁ ଇଚ୍ଛା ଥିଲେ ବି ନିଜ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ସେ ଠିକ୍ ସୁଯୋଗ ପାଇପାରୁ ନାହାନ୍ତି । ତାଙ୍କ ପରିବାରର ଦୁର୍ବଳ ଆର୍ଥିକାବସ୍ଥା ବି ଏ କ୍ଷେତ୍ରରେ ତାଙ୍କୁ ବାଧକ ସାଜିଛି । ଯଦି ସରକାରୀ କିମ୍ବା ବେସରକାରୀ ସଂସ୍ଥା ତରଫରୁ ତାଙ୍କ ପ୍ରତିଭାକୁ ଉତ୍ସାହିତ କରିବା ପାଇଁ ସାହାଯ୍ୟ, ସହଯୋଗ ମିଳିପାରନ୍ତା ତା'ହେଲେ ସେ ଉପକୃତ ହୋଇପାରନ୍ତେ ବୋଲି କୁହନ୍ତି ସୌଭାଗ୍ୟ ।

ତେଣୁ ଶେଷରେ କେବଳ ଏତିକି କୁହାଯାଇପାରେ, ଇଚ୍ଛାଶକ୍ତି ଓ କଠିନ ଅଧ୍ୟବସାୟ ବଳରେ ଯେ କୌଣସି ଅସମ୍ଭବ କାମ ବି ସମ୍ଭବ ହୋଇପାରେ ।


**-ଅମ୍ବିତା ମିଶ୍ର**

**ତଥ୍ୟ ସହାୟତା-ଲୋକନାଥ ମିଶ୍ର**





ସୌଭାଗ୍ୟ







ଝାଙ୍ଗ୍

# ୱିଣ୍ଟର ଲୁକ୍







ଶୀତଦିନେ ସ୍ୱେଟର, ମଫ୍‌ଲର ପିନ୍ଧି ଯେ, ଷ୍ଟାଇଲିଶ୍ ଲୁକ୍ ମିଳିବ ଅନେକେ ଭାବି ପାରନ୍ତି ନାହିଁ। ତେବେ ଆଜିକାଲି ବିଭିନ୍ନ ପ୍ରକାରର ଷ୍ଟାଇଲିଶ୍ ୱିଣ୍ଟର ୱେର ମିଳୁଛି, ଯାହାକୁ ଆମେ ମଡର୍ନ ହେଉ କି ଏଥେନିକ୍ ପୋଷାକ ସହ ମିକ୍ସ ମ୍ୟାଚ୍ କରି ପିନ୍ଧିଲେ ମିଳିପାରିବ ଏକ ୟୁନିକ୍ ଷ୍ଟାଇଲିଶ ଲୁକ୍। ଜାଣନ୍ତୁ ସେ ସମ୍ପର୍କରେ...

**ଲେୟର୍ଡ ଲୁକ୍–** ଶୀତଦିନେ ଏହି ଲୁକ୍ ବହୁତ ଭଲ ଲାଗେ। ଏକ କାମିସୋଲ (ସ୍ଲିଭ୍‌ଲେସ୍ ବା ସରୁ ଫିତା ଥିବା ଟପ୍) ସହ ନିଟେଡ୍ ଟପ୍ (ଉଲ୍‌ବୁଣା ପତଳା ଟପ୍), ତା'ସହ ଡେନିମ୍ ଅବା ଲେଦର ଜ୍ୟାକେଟ୍ ଓ କାର୍ଡିଗାନ୍‌ର କମ୍ବିନେଶନ୍ କୁଲ୍ ଲୁକ୍ ଦିଏ। ଏହାବ୍ୟତୀତ କଲର୍‌ଫୁଲ୍ କାମିସୋଲ୍ ସହ ହାଲ୍‌କା କାର୍ଡିଗାନ୍ ସ୍ୱେଟର ଏବଂ ତା' ଉପରେ ଡେନିମ୍ କିମ୍ବା ଲେଦର୍ ଜ୍ୟାକେଟ୍ ବ୍ୟବହାର କରି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ। ଲଙ୍ଗ ସ୍ଲିଭ୍‌ର କଲର୍‌ଫୁଲ୍ ଟି-ଶାର୍ଟ ସହ ସଫ୍ଟ ଭି ଶେପ୍‌ର କାର୍ଡିଗାନ୍ ବହୁତ ଭଲ ଲାଗିଥାଏ।

**ସ୍କାର୍ଫ ଓ ର୍‌ୟାପ୍ସ–** ଆକର୍ଷକ ସିଲ୍କ ଓ ଉଲ୍‌ର ସ୍କାର୍ଫ ଶୀତଦିନେ ବହୁତ ଭଲ ଲାଗେ। ଫର୍ମାଲ ଲୁକ୍ ପାଇଁ ସୋଫିଷ୍ଟିକେଟେଡ୍ ସିଲ୍କ ସ୍କାର୍ଫ ବାଛନ୍ତୁ। ରିଲାକ୍ସ ଲୁକ୍ ପାଇଁ ଫଙ୍କି ବ୍ରାଇଟ୍ କଲର୍ ଓ ସଫ୍ଟ ଫ୍ୟାବ୍ରିକ୍‌ର ଉଲ ସ୍କାର୍ଫ ବାଛିପାରିବେ। ଇଣ୍ଡିଆନ୍ ଆଉଟ୍‌ଫିଟ୍ ଓ ସ୍କର୍ଟ ସହ ସୁନ୍ଦର ଡିଜାଇନ୍ ହୋଇଥିବା ସିଲ୍କ ର୍‌ୟାପ୍ ବ୍ୟବହାର କରିପାରିବେ।

**ଜ୍ୟାକେଟ୍ ଓ କୋଟ୍–** ଆଜିକାଲି ବିଭିନ୍ନ ପ୍ରକାର ଷ୍ଟାଇଲ୍‌ର ଜ୍ୟାକେଟ୍ ଓ କୋଟ୍ ଉପଲବ୍ଧ ହେଉଛି। ଯେମିତିକି ଫିଟେଡ୍ ହିପ୍ ଲେନ୍ଥ, ମିଡ୍ ଥାଇ, ନି' ଲେନ୍ଥ କିମ୍ବା ଶର୍ଟ ଓ ଫଙ୍କି ଷ୍ଟାଇଲ୍‌ର ଜ୍ୟାକେଟ୍ ଓ କୋଟ୍। ସେ ପୁଣି ଲେଦର, ଉଲେନ୍, ଡେନିମ୍ ଓ କୋର୍ଡୁରୟ ଭଳି ଫ୍ୟାବ୍ରିକ୍‌ରେ ବି ଉପଲବ୍ଧ ହେଉଛି। ଏ ସବୁକୁ ଆପଣ ଟି'ଶର୍ଟ, ଟପ୍ ସହ ପିନ୍ଧିପାରିବେ। ଏହାକୁ ଆପଣ ଡେନିମ୍, ସ୍କର୍ଟ ଓ ଟ୍ରାଉଜର ସହ ବି ପେୟାର କରିପାରିବେ।

**ଟାଇଟ୍‌ସ ଓ ଲେଗିଙ୍ଗ୍‌ସ–** ପିନ୍ଧନ୍ତୁ ସୁପର୍ କୁଲ୍ ଓପାକ୍ (ଅସ୍ୱଚ୍ଛ କନ୍ତୁ ଖୁବ୍ ପତଳା) ଟାଇଟ୍‌ସ ସହ ଶର୍ଟ ଡ୍ରେସ୍। ଏହି ଲୁକ୍‌କୁ କମ୍ପ୍ଲିଟ୍ କରିବା ଲାଗି ଲେଦର୍ ବୁଟ୍‌ସ ମଧ୍ୟ ପିନ୍ଧନ୍ତୁ। ପୂରା ଟ୍ରେଣ୍ଡି ଲୁକ୍ ପାଇବେ। କଲର୍‌ଫୁଲ୍ ଲେଗିଙ୍ଗ୍ ସହ ଡ୍ରେସି ଶାର୍ଟ, ୱିଣ୍ଟର ଟ୍ୟୁନିକ୍ ଏବଂ ସ୍ୱେଟର୍ ଡ୍ରେସ୍ ପେୟାର କରିପାରିବେ।

**ଶାଢ଼ି ସହ ଜ୍ୟାକେଟ୍–** ଥରେ ହେମାମାଳିନୀ ସା ରେ ଗା ମା ପା.. ଗୀତରେ କମଳା ରଙ୍ଗର ଶାଢ଼ି ସହିତ ଗାଢ଼ ନୀଳ କଶ୍ମୀରୀ ଏମ୍ବ୍ରୋଡରି ହୋଇଥିବା ଜ୍ୟାକେଟ୍ ପିନ୍ଧିଥିଲେ। ଆଉ ସେ ବେଶ୍ ସୁନ୍ଦରୀ ଲାଗୁଥିଲେ। ତାଙ୍କର ଏହି ଷ୍ଟାଇଲ ଆଜି ବି ଆଉଟଡେଟେଡ୍ ହୋଇନାହିଁ। ଶାଢ଼ି ଉପରେ ଜ୍ୟାକେଟ୍ ପିନ୍ଧି କାନିକୁ ବେକ ପଛପଟୁ ଆଣି ସାମ୍ନା ଭାଗରେ ଭୂଲମ୍ବଭାବେ ପକାନ୍ତୁ। ଏହା ଏଲିଗାଣ୍ଟ ଓ କ୍ଲାସି ଲୁକ୍ ଦେବ।

**ଓଭରକୋଟ୍ ସହ ଶାଢ଼ି–** ଯାହାଙ୍କୁ ଓଭର୍‌କୋଟ୍ ପସନ୍ଦ ଓ ସେମାନେ କେବଳ ଶାଢି ହିଁ ପିନ୍ଧନ୍ତି। ସେମାନେ ଶାଢ଼ି ଉପରେ ଓଭରକୋଟ୍ ପିନ୍ଧି ଏକ ସୁନ୍ଦର ଫ୍ୟୁଜନ୍ ଲୁକ୍ ପାଇପାରିବେ।

**ଶାଢ଼ି ଓ ସ୍ୱେଟର୍–** ଶାଢ଼ି ସହ ସ୍ୱେଟର ପିନ୍ଧିବାକୁ ଚାହୁଁଥିଲେ କଣ୍ଟ୍ରାଷ୍ଟ କଲର୍‌ର ଶାଢ଼ି ହେବା ଭଲ। ସ୍ୱେଟର୍‌ର ସବୁ ବଟନ୍ ନ ଦେଇ କିଛି ଖୋଲା ରଖନ୍ତୁ, ଯେମିତିକି ଶାଢ଼ିର ବର୍ଡର ଦେଖାଯାଉଥିବ।

**ଶାଲ୍ ଓ ଷ୍ଟଲ୍–** ଶାଢ଼ି ସହ ରିଚ୍ ଏମ୍ବ୍ରୋଡରି ହୋଇଥିବା ଶାଲ୍‌କୁ କାନ୍ଧର ଗୋଟିଏ ପାର୍ଶ୍ୱରେ ଖୋଲିକରି ପକାନ୍ତୁ। ଏହା କ୍ଲାସି ୱିଣ୍ଟର ଲୁକ୍ ଦେବ। କୁର୍ତ୍ତି ସହ କଶ୍ମୀରୀ ପଶ୍ମିନା ଷ୍ଟଲ୍ କିମ୍ବା ସିମ୍ପଲ୍ ମୋନୋଟୋନ୍ ଷ୍ଟଲ୍ ଭଲ ଲାଗିଥାଏ। ଏହା ଏଲିଗାଣ୍ଟ ଲୁକ୍ ଦେଇଥାଏ।

**କଟ୍ସ୍‌ଉଲ୍ ସଲୱାର କମିଜ୍–** କଟ୍ସ୍‌ଉଲ୍ ଆରାମଦାୟକ ହେବା ସହ ଶରୀରକୁ ଉଷ୍ମତା ବି ପ୍ରଦାନ କରେ। ତେଣୁ ମୋଟା ସ୍ୱେଟର୍ ପିନ୍ଧିବାର ଆବଶ୍ୟକତା ନାହିଁ। କାରଣ ଭଲ ଶେଡ୍‌ରେ କଟ୍ସ୍‌ଉଲର ସୁନ୍ଦର ସୁନ୍ଦର ସଲୱାର କମିଜ୍ ଏବେ ମିଳୁଛି। ଏହାକୁ ବି ଟ୍ରାଏ କରିପାରିବେ।











# କବିତା କ୍ରିଷ୍ଣମୂର୍ତ୍ତି



ଭାରତୀୟ ସଙ୍ଗୀତ ଜଗତରେ କବିତା କ୍ରିଷ୍ଣମୂର୍ତ୍ତି ଏକ ଅତି ଜଣାଶୁଣା ନାଁ। ମୁଖ୍ୟତଃ ହିନ୍ଦୀ ଫିଲ୍ମର ପ୍ରଚ୍ଛଦପଟ ଗାୟିକା ଭାବରେ ସେ ସୁନାମ ଅର୍ଜନ କରିଥିଲେ ମଧ୍ୟ ସେ ଭାରତର ବହୁ ଆଞ୍ଚଳିକ ଭାଷାର ଗୀତରେ କଣ୍ଠଦାନ କରିଛନ୍ତି। ସେଥି ମଧ୍ୟରେ ରହିଛି ଓଡ଼ିଆ, ତେଲୁଗୁ, ମରାଠୀ, ଉର୍ଦ୍ଦୁ, ତାମିଲ, ମାଲୟାଲମ୍, କନ୍ନଡ଼, ଗୁଜରାଟୀ, ନେପାଳୀ, ବେଙ୍ଗଲୀ, ଅହମିୟା, କୋଙ୍କଣୀ ଏବଂ ଆହୁରି ଅନେକ। ଶାସ୍ତ୍ରୀୟ ସଙ୍ଗୀତରେ ତାଲିମପ୍ରାପ୍ତ ଏହି ଗାୟିକା ପ୍ରାୟ ୧୬ଟି ଭାଷାରେ ୨୫ହଜାରରୁ ଅଧିକ ଗୀତ ରେକର୍ଡ କରି ସାରିଛନ୍ତି। ସେହିପରି ସେ ଭାରତର ସମସ୍ତ ପ୍ରତିଷ୍ଠିତ ସଙ୍ଗୀତ ନିର୍ଦ୍ଦେଶକଙ୍କ ସହ ମଧ୍ୟ କାମ କରିସାରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଲକ୍ଷ୍ମୀକାନ୍ତ-ପ୍ୟାରେଲାଲ୍, ନୌସାଦ, ଏସ.ଏଚ୍.ବିହାରୀ, କୈଫ୍ ଆଜମୀ, ଅଞ୍ଜନ ଓ ପି ନାୟାର, ଖୟାମ୍, ହେମନ୍ତ କୁମାର, ରବୀନ୍ଦ୍ର ଜୈନ, ବାପି ଲାହିରି, ଅନୁ ମଲ୍ଲିକ, ଆର.ଡି.ବର୍ମନ, ହିମେଶ ରେସମିୟା, ଏ.ଆର.ରେହମାନ୍। ବେଷ୍ଟ ଫିମେଲ ପ୍ଲେବ୍ୟାକ୍ ସିଙ୍ଗର ଭାବରେ ସେ ଚାରିଥର ଫିଲ୍ମଫେୟାର ଆୱାର୍ଡ ହାସଲ କରିଛନ୍ତି। ତାଙ୍କୁ ମଧ୍ୟ ଭାରତ ସରକାରଙ୍କ ପକ୍ଷରୁ ସମ୍ମାନଜନକ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ପ୍ରସିଦ୍ଧ ବେହେଲା ବାଦକ ଏଲ. ସୁବ୍ରମଣ୍ୟମ୍ ହେଉଛନ୍ତି ତାଙ୍କର ସ୍ୱାମୀ। ସେମାନେ ସମ୍ପ୍ରତି ବେଙ୍ଗାଲୁରୁରେ ବାସ କରୁଛନ୍ତି।

**ଜନ୍ମ ଓ ପିଲାବେଳ:** ନୂଆଦିଲ୍ଲୀରେ ଅବସ୍ଥାନ କରିଥିବା ଏକ ତାମିଲ ଆୟାର ପରିବାରରେ କବିତା କ୍ରିଷ୍ଣମୂର୍ତ୍ତି ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଟି.ଏସ୍.କ୍ରିଷ୍ଣମୂର୍ତ୍ତି ଶିକ୍ଷା ମନ୍ତ୍ରଣାଳୟର ଜଣେ କର୍ମଚାରୀ ଥିଲେ। ତାଙ୍କର ପିଲାବେଳର ନାମ ଥିଲା ଶାରଦା। କବିତା ବା ସେତେବେଳର ଶାରଦାଙ୍କ ମଧ୍ୟରେ ଜଣେ ଗାୟିକା ଲୁଚି ରହିଛି ବୋଲି ପ୍ରଥମେ ତାଙ୍କର ଜଣେ ମାଈଁ ପ୍ରତିମା ଭଟ୍ଟାଚାର୍ଯ୍ୟ ଆବିଷ୍କାର କରିଥିଲେ। ଆଉ ସେ ହିଁ କବିତାଙ୍କୁ ସଙ୍ଗୀତ ଶିଖିବା ପାଇଁ ବାଧ୍ୟ କରିଥିଲେ। ସର୍ବପ୍ରଥମେ ଗୁରୁ ସୁରୁମା ବସୁଙ୍କ ଠାରୁ ରବୀନ୍ଦ୍ର ସଙ୍ଗୀତ ଶିକ୍ଷା କରିଥିଲେ କବିତା। ଶାସ୍ତ୍ରୀୟ ଗୁରୁ ବଳରାମ୍ ପୁରିଙ୍କ ଠାରୁ ସେ ପ୍ରଥମେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷାକଲେ। ମାତ୍ର ଆଠବର୍ଷ ବୟସରେ କବିତା ଏକ ସଙ୍ଗୀତ କାର୍ଯ୍ୟକ୍ରମରେ ଭାଗ ନେଇ ଗୋଲ୍ଡ ମେଡାଲ ଜିତି ପାରିଥିଲେ। ଏହା ପରେ ତାଙ୍କ ଭିତରେ ସଙ୍ଗୀତକୁ ନେଇ ଆସ୍ଥା ବଢ଼ିବାକୁ ଲାଗିଥିଲା। ଆଉ ସେ ଅଧିକରୁ ଅଧିକ ସଙ୍ଗୀତ ସାଧନା କରିବାରେ ମନୋନିବେଶ କରିଥିଲେ।

**ପ୍ରଥମ ସୁଯୋଗ :** କଲେଜରେ ପାଠ ପଢ଼ିବା ବେଳକୁ କବିତା ଜଣେ ଗାୟିକା ଭାବରେ ସୁନାମ ଅର୍ଜନ କରି ସାରିଥିଲେ। ରବୀନ୍ଦ୍ର ସଙ୍ଗୀତ ଗାଉଥିବା କାରଣରୁ ତାଙ୍କୁ ବିଭିନ୍ନ ସ୍ଥାନରୁ ଡକରା ଆସୁଥିଲା ଗୀତ ଗାଇବା ପାଇଁ। ସେମିତି ଏକ ସଙ୍ଗୀତ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିଥିଲେ ଓ ତାଙ୍କର ଗୀତ ଶୁଣିଥିଲେ ପ୍ରସିଦ୍ଧ ସଙ୍ଗୀତ ନିର୍ଦ୍ଦେଶକ ହେମନ୍ତ କୁମାର। କବିତାଙ୍କର ଗାଇବାର ଶୈଳୀ ଓ କଣ୍ଠସ୍ୱର ତାଙ୍କୁ ଭାରି ଭଲ ଲାଗିଥିଲା। ସେ ତାଙ୍କୁ ଏକ ବଙ୍ଗଳା ଫିଲ୍ମରେ ଗୀତ ଗାଇବାର ସୁଯୋଗ ଦେଇଥିଲେ। ସବୁଠୁ ମଜାର କଥା ହେଉଛି ସେହି ଫିଲ୍ମରେ ସେହି ଗୀତଟିକୁ ଗାଉଥିଲେ କୋକିଳ କଣ୍ଠୀ ଲତା ମଙ୍ଗେସକର। ତାଙ୍କ ସହିତ ଡୁଏଟ୍ ଗାଇବାର ଥିଲା କବିତାଙ୍କୁ। ଫିଲ୍ମର ନାମ ଥିଲା 'ଶ୍ରୀମାନ୍ ପୃଥ୍ୱୀରାଜ'। ଏହା କବିତାଙ୍କ ପାଇଁ ଏକ ବିଶେଷ ମୁହୂର୍ତ୍ତ ଥିଲା। ପରେପରେ ସେ ମୁମ୍ବାଇ ଚାଲିଆସିଲେ। ଉଦ୍ଦେଶ୍ୟ ଥିଲା ବଲିଉଡ୍‌ରେ ନିଜର ଭାଗ୍ୟ ପରୀକ୍ଷା କରିବା। ମୁମ୍ବାଇ ଆସିବା ପରେ ମାନ୍ନା ଦେ'ଙ୍କ ସହିତ ତାଙ୍କର ପରିଚୟ ହେଲା। ଆଉ ମାନ୍ନା ଦେ' ତାଙ୍କୁ ବିଜ୍ଞାପନର ଜିଙ୍ଗଲ୍ ଗାଇବାର ସୁଯୋଗ ଦେଲେ। ଏମିତି ଭାବରେ ଆରମ୍ଭ ହେଲା ମୁମ୍ବାଇରେ କବିତାଙ୍କ ସଂଘର୍ଷ।



**ବେଷ୍ଟ ଫିମେଲ ପ୍ଲେବ୍ୟାକ୍ ସିଙ୍ଗର ଭାବରେ କବିତା ଚାରିଥର ଫିଲ୍ମଫେୟାର ଆୱାର୍ଡ ହାସଲ କରିଛନ୍ତି। ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ସମ୍ମାନଜନକ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ମଧ୍ୟ କରାଯାଇଛି। ପ୍ରସିଦ୍ଧ ବେହେଲା ବାଦକ ଏଲ. ସୁବ୍ରମଣ୍ୟମ୍ ହେଉଛନ୍ତି ତାଙ୍କର ସ୍ୱାମୀ...**

**ମିଳିଲା ସଫଳତା:** ମୁମ୍ବାଇରେ ତିଷ୍ଠି ରହିବା ପାଇଁ ସେ ଲକ୍ଷ୍ମୀକାନ୍ତ-ପ୍ୟାରେଲାଲ୍‌ଙ୍କ କ୍ୟାମ୍ପରେ ଯୋଗଦେଲେ। ତାଙ୍କର ଶାସ୍ତ୍ରୀୟ ସଙ୍ଗୀତରେ ଗଭୀର ପ୍ରବେଶ ଥିବା ଜାଣି ଉଭୟ ଲକ୍ଷ୍ମୀ-ପ୍ୟାରେ ବେଶ୍ ଖୁସି ଥିଲେ। ପ୍ରଥମେ ସେ ଲତା, ଆଶା ଆଦିଙ୍କ ପାଇଁ ଡମି ଗାଉଥିଲେ। ଆଉ ଏହି ଡମି ଗାଇବା ଅବସରରେ ସେ ପ୍ଲେବ୍ୟାକ୍ ସିଙ୍ଗିଙ୍ଗ୍‌ର କଳାକୌଶଳ ହାସଲ କରୁଥିଲେ। ଇତିମଧ୍ୟରେ ତାଙ୍କର କେତୋଟି କନ୍ନଡ଼ ଗୀତ ମଧ୍ୟ ହିଟ୍ ହୋଇ ସାରିଥିଲା। ୧୯୮୦ରେ ସେ ପ୍ରଥମେ ହିନ୍ଦୀ ଫିଲ୍ମରେ ଗାଇବାର ସୁଯୋଗ ପାଇଲେ। ଫିଲ୍ମ ଥିଲା 'ମାଙ୍ଗ ଭରୋ ସଜନା'। ତେବେ ଦୁର୍ଭାଗ୍ୟଜନକ ଭାବରେ ଗୀତଟି ଫିଲ୍ମର ଫାଇନାଲ ଏଡିଟିଂରେ ବାଦ୍ ପଡ଼ିଥିଲା। ଏହା ପରେ ସେ 'ପ୍ୟାର ଝୁକ୍‌ତା ନେହିଁ' ଫିଲ୍ମରେ କଣ୍ଠଦାନ କରିଥିଲେ। ଆଉ ଏହି ଫିଲ୍ମର ରୋମାଣ୍ଟିକ୍ ଗୀତ 'ତୁମସେ ମିଲକର ନା ଜାନେ କ୍ୟୁଁ' ତାଙ୍କୁ ରାତାରାତ ସଫଳ କରି ଦେଇଥିଲା। ସେତିକି ନୁହେଁ, ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ଆସିଲା ଫିଲ୍ମ 'ମିଷ୍ଟର ଇଣ୍ଡିଆ'। ଏଥିରେ 'ହୱା ହୱାଇ' ଏବଂ 'କରତେ ହେଁ ହମ୍ ପ୍ୟାର ମିଷ୍ଟର ଇଣ୍ଡିଆ ସେ' ଗୀତ ଦୁଇଟି ତାଙ୍କ ପାଇଁ ବଲିଉଡ୍‌ରେ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି ନିମନ୍ତେ ଯଥେଷ୍ଟ ଥିଲା। ବାସ୍, ଭାରତର ଜଣେ ସୁକଣ୍ଠୀ ଗାୟିକାର ମର୍ଯ୍ୟାଦା ମିଳିଗଲା କବିତାଙ୍କୁ।







## ଅକୁହା ଯନ୍ତ୍ରଣା

–ସସ୍ମିତା ରଥ

ତୁମେ ଠିକ୍ ସେଇ ଅଦିନ ବର୍ଷା ଭଳି
ଯାହାର ସ୍ପର୍ଶରେ ଆନନ୍ଦ ମିଳେ ସତ
କିନ୍ତୁ ଗୋଟେ ମୁହୂର୍ତ୍ତରେ
ସବୁ କିଛି ବଦଳେଇ ଦିଅ...

ତମେ ଠିକ୍ ସେଇ ଜହ୍ନ ଭଳି କେବେ ଦେଖା ଦିଅ
କେବେ ପୁଣି ବାଦଲ ଉହାଡରେ ଲୁଚି ଯାଅ...

ତୁମେ ଠିକ୍ ସେଇ ଝଡ଼ ଭଳି
ଯାହା ମନରେ ଆନ୍ଦୋଳନ ସୃଷ୍ଟି କରେ
କିନ୍ତୁ ଯିବା ପରେ ଶ୍ରୀହୀନ ଏବଂ
ନୀରବତାର ଚିହ୍ନ
ଛାଡି ଦେଇ ଯାଅ...

ତୁମେ ସେଇ ଅମଡ଼ା ବାଟ
ଯେଉଁ ବାଟର ପଥିକ ମୁଁ...
ଯେଉଁଠି ଶୂନ୍ୟ ହୃଦୟରେ
ଆଖି ଲୁହରେ କେବଳ ତୁମକୁ ଖୋଜୁଛି
ସବୁଠି କେବଳ ସେଇ ଅକୁହା ଯନ୍ତ୍ରଣା...

–ଭୁବନେଶ୍ୱର

## କାହିଁକି ?

–ଦିଲିପ୍ କୁମାର ତ୍ରିପାଠୀ

ନା ତମେ ସୀତା ନା ମୁଁ ରାମ
ନା ତମେ ରାଧା ନା ମୁଁ ଶ୍ୟାମ
ତମେ ମୋ ସ୍ତ୍ରୀ ନୁହଁ କି ମୁଁ ତମ ସ୍ୱାମୀ ନୁହଁ
ବୋଧେ ଆମ ସମ୍ପର୍କ କେଉଁ ଏକ କବିର
ନୀରବ ବେଳାର ପଦେ ଗୀତ
କିନ୍ତୁ, କାହିଁକି ତମେ ଜୀବିତ
ଆଉ ମୁଁ ମୃତ ?

ମୁଁ ଆଜି କି କାଲି କଥା କହୁନି
କାହିଁ କେଉଁ ଜନ୍ମରୁ ପ୍ରତୀକ୍ଷା କରିଥିବା
ନିଷ୍ପୃତ୍ତି ହୀନ ନିଷ୍ପାପ ମୁହୂର୍ତ୍ତଟିର କଥା କହୁଛି,
ମୋ ଉଡନ୍ତା ସ୍ୱପ୍ନର କ୍ଳାନ୍ତ ଡେଣାରେ
ମାଖି ହେଇଥିବା ଲୋହିତ ରଂଗର
ମୁହଁ ଫୁଲା ଅଭିମାନ କଥା କହୁଛି
ଯେ, ତମେ କାହିଁକି ତୃପ୍ତ
ଆଉ ମୁଁ କାହିଁକି ସୁପ୍ତ ?

–ଢେଙ୍କାନାଳ, ପର୍ଜଙ୍ଗ,
କୁନ୍ଦନଦେଇପୁର ଶାସନ

# କଥା ତ ଏତିକି

–ଅନନ୍ୟା ଅନୁଷ୍କା

ହଁ, କଥା ତ ଏତିକି ଥିଲା, ମୁଁ ଗୋଟେ ସାଧାରଣ ପ୍ରାଇଭେଟ୍ କଲେଜରେ ଇଞ୍ଜିନିୟରିଂ କରୁଥିଲି ଆଉ ତମେ ଆଇଆଇଟିରେ। ସେଇଥିପାଇଁ ତମେ ଏ ଗାଉଁଲି ଟୋକାକୁ ଭୁଲିଯାଇ, ଜଣେ ଉଚ୍ଚ ଶିକ୍ଷିତ ସରକାରୀ ଚାକିରିଆକୁ ବାହା ହେବାର ସ୍ୱପ୍ନ ଦେଖୁଛ। ହେଲେ, ଆଶା!! କହିଲ, ଏ ପାଠ କ'ଣ ତମକୁ ସଚ୍ଚା ପ୍ରେମ ଦେଇପାରିବ? ଏ ପଦବୀକୁ ନେଇ କ'ଣ ତମେ ସୁଖୀ ଦାମ୍ପତ୍ୟ ପାଇପାରିବ?? ନା ପୁଣି ଏ ଘର, ଗାଡି ତମକୁ ମୋ ପରି ଭଲପାଇବ???

ହେଲେ କଥା ତ ଏତିକି ହିଁ ଥିଲା, କେବଳ ଗୋଟେ ସାର୍ଟିଫିକେଟ ପାଇଁ ତମେ ଆମ ସତ ସତିକା କଣ୍ଢେଇ ବାହାଘରକୁ ମିଛ ବୋଲି କହିଲ। ଚନ୍ଦ୍ରଭାଗା କୂଳର ବାଲିଘରକୁ ପାଦରେ ଧସେଇ ସାରିବା ପରେ ବି ମନ ଶାନ୍ତ ହେଲାନି ଯେ, ସେ ବାଲି ସବୁକୁ ଆଞ୍ଜୁଳା ଆଞ୍ଜୁଳା କରି ଟୋଳି ନେଇ ରତ୍ନାକରର ପାଟିରେ ପୂରେଇଦେଲ। ଆଉ ସେ ସର୍ବଗିଳା ମୋ ପ୍ରେମର ପ୍ରତିଟି ମିଠା ମୁହୂର୍ତ୍ତର ସ୍ମୃତିକୁ ଏକାଥରକେ ହଜମ କରିଦେଲା। ଡାଏରୀରେ ସାଇତା ହୋଇଥିବା +୨ ସମୟର ଶୁଖିଲା ଗୋଲାପ ପାଖୁଡ଼ା, ପ୍ରେମପତ୍ର ସବୁକୁ ମୋ ଆଖି ଆଗରେ ନିଆଁରେ ଫୋପାଡ଼ିଦେଲ। ତୁମ ପାଇଁ ଦେଖିଥିବା ଅସୁମାରୀ ସ୍ୱପ୍ନକୁ ମୋ ଦେହର ନିଆଁରେ ଏକା ଜଳିବାକୁ ଛାଡିଦେଇ ତମେ ମୁମ୍ବାଇ ଚାଲିଗଲ। କୁଆଡେ ସେଇଠି ଜାଗା କିଣିବ... ଘର କରିବ... ହେଲେ, ତୁମର ସେ ଚେନାଏ ହସକୁ ବନ୍ଧକ ରଖି ମୋ ହୃଦୟରେ ଯେଉଁ ଜାଗାଟା କିଣିଥିଲ, ତା'ର କ'ଣ ହେବ!?? ଇଟା, ବାଲି, ପଥର, ସିମେଣ୍ଟ ସବୁ ଆଣି ସାଇତି ରଖିଛି, ହେଲେ ତମେ ଯିବାର ୪ ବର୍ଷ ହୋଇଗଲାଣି, ସେଇଠି ମିସ୍ତ୍ରିଟିର ଦେଖା ମିଳୁନି ଜାଣିଛ! ନିଇତି ଖରା, ବର୍ଷା, ଶୀତ, କାକର ସହି ସହି ସେମାନେ ଆଗ ଅପେକ୍ଷା ଅଧିକ ଶକ୍ତ ହୋଇଗଲେଣି। ତେଣୁ ତୁମେ ଚିନ୍ତା କରନି, ତୁମ ପ୍ରତାରଣା, ତୁମ ଧୋକାର ସବୁ ଝାଞ୍ଜିକୁ ସେମାନେ ଅତି ସହଜରେ ସହିଯିବେ। ହେଲେ କାହିଁକି କେଜାଣି ସେଦିନ ଖଣ୍ଡଗିରି ପାହାଡ ଉପରେ ତମେ ମୋତେ ଦୁଇ ହାତରେ ଜାବୁଡି ଧରିବା କଥା ଥରେ ଭାବିଦେଲେ, କି ମୋ ଛାତିରେ ମୁଣ୍ଡ ରଖି ଭୋ ଭୋ ହୋଇ କାନ୍ଦିବା କଥା ଥରେ ମନେ ପଡିଗଲେ, ମୋ ଛାତି ଭିତରର ଶକ୍ତ ପଥରଗୁଡା ଯେମିତି ତୁଳା ପରି ନରମ ହୋଇଯାଆନ୍ତି। ତମ ଟୋପା ଟୋପା ଲୁହରେ ମୋ ହୃଦୟର ଟାଙ୍ଗରା ଭୂଇଁଟା ପୂରା ଭିଜିଯାଏ।

ସତରେ କ'ଣ ତମେ ଏ ସବୁକୁ ନିଆଁରେ ପୋଡି ପାରିବ, ପବନରେ ଉଡେଇପାରିବ, ସୁଅରେ ଭସେଇପାରିବ। କୁହ!! କୁହ, ଏ ସବୁ କ'ଣ ତମ ବଡବଡିଆ କଲେଜ ସାର୍ଟିଫିକେଟର ଫାଇଲ୍ ତଳେ ଲୁଚିଯିବ??? ହେଲେ କଥା ତ ଏତିକି, ମୁଁ ତୁମକୁ ଏବେ ବି ଭଲପାଏ। ସାରା ଜୀବନ ଭଲ ପାଉଥିବି। ତୁମ କାଗଜର ସାର୍ଟିଫିକେଟ ପାଇଁ ମୁଁ ମୋ କାଗଜର ଅଧା ଲେଖା ପ୍ରେମ କବିତାକୁ ଲୁହରେ ଲେଖି, ଲୁହରେ ପଢି, ନିତି ଲୁହରେ ଭିଜଉଥିବି....

–କଳାରାହାଙ୍ଗ, ଭୁବନେଶ୍ୱର

## ଡିସେମ୍ବର

–ନମିତା ଦାଶ

ବର୍ଷ ଟିଏ ସରିଯାଏ
ଏ ମାସର ଶେଷଦିନରେ
ମାସ ସାରା ବଣଭୋଜି, ଉତ୍ସବ
ଖ୍ରୀଷ୍ଟ ମାସ, ହାଲ୍‌କା ହାଲ୍‌କା ଶୀତ,

କି ହିନ୍ଦୁ କି ଖ୍ରୀଷ୍ଟିଆନ, ଘରେ ଘରେ ପୁରେ ପୁରେ
କ୍ରିସ୍‌ମାସ ଟ୍ରି ଆଲୋକମାଳା ଆଉ ଗିଫ୍ଟରେ ସୁସଜ୍ଜିତ
ଆକାଶଛୁଆଁ ଗରମ ପୋଷାକ ଦାମ୍

ଓଦା ମନ ଶୀତୁଆ ବାଆରେ ଥରି ଉଠେ
ଉଷ୍ମତାର ଧ୍ୱନି ରେ ଉଲ୍ଲସିତ ହୁଏ
ଦେଶ ଦୁନିଆର ବିପର୍ଯ୍ୟୟ ଏବଂ
ସମ୍ଭବତଃ ଉନ୍ନତିର କିଛି ଖବର
ଚା' କପ୍ ସହ ଶେୟାର ହୁଅନ୍ତି
ସକାଳର କଅଁଳ ଖରାରେ

ଏତଦ୍‌ଭିନ୍ନ ବୋଉର ଗୁରୁବାର ଝୋଟି
ହାତୀ, ଷୋଳ କୋଠି ପଦ୍ମ, ଲକ୍ଷ୍ମୀପାଦ
ପିଠାପଣାର ମହକ ସହ
ମୋର ଅପେକ୍ଷା ନାତିଦୂରରୁ ବୋଉର ଡାକରା ପାଇଁ,
ଫୋନ କଲ୍ ଟେ ପାଇଁ,

ଭୁଲି ନ ଥିବ ବୋଉ ଜମା ଏ ଡିସେମ୍ବର ଶୀତକୁ
ଏକମାତ୍ର ଝିଅର ଜନ୍ମଦିନକୁ...
ଏଣୁ ତ ମୁଁ ଅପେକ୍ଷା କରେ ବର୍ଷର ଏଇ ମାସଟିକୁ
ତା ସହ ବୋଉର ଦି'ପଦ କଥାକୁ

ଯଦିଓ ସରିଗଲାଣି ମୋର ଆୟୁଷ ଅଧାରୁ ଅଧିକ
ଝିଅ ମୋର କେକ୍ କାଟି ପାଳି ଦିଏ ଜନ୍ମଦିନ
ବାପା ତାର ସ୍ନେହ ଦେଇ ଲୁଚେଇ ଦିଅନ୍ତି
ମୋ ଝରିଗଲା ଲୁହ...

ଆମ ଘର କ୍ୟାଲେଣ୍ଡରରେ ଏମିତି ହିଁ
ଆସିଥାଏ ଡିସେମ୍ବର..

– ହଂସପାଳ, ଭୁବନେଶ୍ୱର



# ଏ ମନ ଖୋଜୁଥାଏ ଯାହା

କଥାରେ ଅଛି–ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ଅଫରଟି ପାଇବା ପରେ ତାଙ୍କ ମନ କେମିତି ଖୁସିରେ ଉଛୁଳୁଛି। ପୁଣି ଏବେ ସେ ଯୁଆଡ଼େ ଯାଉଛନ୍ତି ନିର୍ଦ୍ଦେଶକ ଆନିସ ବାଜ୍‌ମୀଙ୍କୁ ପ୍ରଶଂସାରେ ପୋତିପକାଉଛନ୍ତି। ହଁ, ସେ ହେଲେ କିଆରା ଆଡଓ୍ୱାନୀ। କଥା କ'ଣ କି ଆନିସଙ୍କ ଆଗାମୀ ସିକୁଏଲ 'ଭୁଲ ଭୁଲେୟା–୨'ରେ ସେ ଫିମେଲ ଲିଡ୍‌ରେ ଅଭିନୟ କରିବେ। କେବଳ ସେତିକି ନୁହେଁ, ଯେଉଁଭଳି ଏକ ଭୂମିକାରେ ସେ ଅଭିନୟ କରିବାକୁ ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ଏ ବିଷୟରେ କିଆରା କହନ୍ତି, ''ଏହି ଫିଲ୍ମରେ ମୋତେ ଏପରି ଏକ ଭୂମିକା ମିଳିଛି, ଯାହା ମୋ କ୍ୟାରିୟର ପାଇଁ ମାଇଲଷ୍ଟୋନ୍ ସାବ୍ୟସ୍ତ ହେବ। ଏହାର କାହାଣୀ ଏବଂ ମୋ ଭୂମିକା ବିଷୟରେ ଶୁଣିବା ପରେ ମୁଁ ଡେରି ନ କରି ଏଥିରେ ଅଭିନୟ କରିବି ବୋଲି ହଁ ଭରିଥିଲି।'' 'ଭୁଲ ଭୁଲେୟା–୨'ରେ କିଆରାଙ୍କ ସହ ନାୟକ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି କାର୍ତ୍ତିକ ଆର୍ଯ୍ୟନ। ୨୦୦୭ରେ ରିଲିଜ ହୋଇଥିବା କମେଡିଭିତ୍ତିକ ଫିଲ୍ମ 'ଭୁଲ ଭୁଲେୟା'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଅକ୍ଷୟ କୁମାର ଏବଂ ବିଦ୍ୟା ବାଲାନ। ନିର୍ଦ୍ଦେଶନା ଦେଇଥିଲେ ପ୍ରିୟଦର୍ଶନ। ତେବେ ଏହାର ସିକୁଏଲ୍‌ରେ କାର୍ତ୍ତିକ–କିଆରା ଯୋଡ଼ି କି କମାଲ କରୁଛନ୍ତି ତାହା ଫିଲ୍ମଟି ରିଲିଜ ପରେ ହିଁ ଜଣାପଡ଼ିବ।



କିଆରା

## ସମୟାନୁବର୍ତ୍ତୀ ଦୀପିକା

ଦୀପିକାଙ୍କୁ ନେଇ ସବୁବେଳେ ଚର୍ଚ୍ଚା। ନିକଟରେ ତିରୁପତି ଓ ଅମୃତସରରେ ତାଙ୍କର ବିବାହବାର୍ଷିକୀ ପାଳିଥିବାବେଳେ ତାଙ୍କ ଆଇଭରୀ କଲର ଶାଢିର ଲୁକ୍ ଭାଇରାଲ ହେବାରେ ଲାଗିଛି। ଏବେ ସେ ବୁଲି ବୁଲି ପଙ୍କ୍‌ଚୁଆଲ ଟିପ୍ସ ବାଣ୍ଟୁଛନ୍ତି। କୌଣସି ପ୍ରସଙ୍ଗରେ ଆଲୋଚନା କରିବା ସମୟରେ ସେ ଏ ନେଇ କିଛି କହିବାକୁ ଭୁଲୁନାହାନ୍ତି। ସମୟାନୁବର୍ତ୍ତିତା ନେଇ ସେ କେବଳ କହୁ ନାହାନ୍ତି, ତାହାକୁ ନିଜ ରିଲ୍ ଏବଂ ରିୟଲ ଲାଇଫରେ ଉପଯୋଗ ମଧ୍ୟ କରୁଛନ୍ତି। ଏ ସମ୍ପର୍କରେ ଦୀପିକା କହନ୍ତି, ''ଜଣେ କଳାକାର ନିଜ ଅଭିନୟ ପ୍ରତି ନୁହେଁ ସମୟ ପ୍ରତି ସିରିୟସ ହେବା ନିହାତି ଜରୁରୀ। କାରଣ ଜଣେ ନିଜ ଜୀବନରେ ପଙ୍କଚୁଆଲ୍ ନ ହେଲେ ସେ କିଛି କରିପାରିବ ନାହିଁ। ଗୋଟିଏ ଫିଲ୍ମର ଶୁଟିଂରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଯଦି ଆମେ ପଙ୍କଚୁଆଲ ହୋଇ ଶୁଟିଂ ସେଟ୍‌ରେ ଠିକ୍ ସମୟରେ ନ ପହଞ୍ଚିବା ତେବେ ଲେଟ୍ ଶୁଟିଂ ପାଇଁ ଅଧିକ ଖର୍ଚ୍ଚ ହେବ। ତେଣୁ ମୁଁ ସବୁବେଳେ ସମୟକୁ ଗୁରୁତ୍ୱ ଦେଇଥାଏ।'' ଦୀପିକା ପାଦୁକୋନ ବର୍ତ୍ତମାନ କପିଳ ଦେବଙ୍କ ବାୟୋପିକ '୮୩'ରେ ପତିଦେବ ରଣବୀର ସିଂଙ୍କ ଅପୋଜିଟ୍‌ରେ ଅଭିନୟ କରୁଛନ୍ତି।

## 'ମୈନେ ପ୍ୟାର୍ କିୟା'ର 'ପ୍ରେମ୍' ପାଇଁ...

ବଲିଉଡ୍‌ର ଭାଇଜାନ୍ ଭାବରେ ପରିଚିତ ସଲମାନ ଖାଁଙ୍କ ଅଭିନୀତ ପ୍ରଥମ ଫିଲ୍ମ ଥିଲା 'ବିବି ହୋ ତୋ ଐସି'। କିନ୍ତୁ ସୁରଜ ବଡ଼ଜାତ୍ୟା ତାଙ୍କୁ ନାୟକ ଭାବରେ ଇଣ୍ଟରଡ୍ୟୁସ କରିଥିଲେ ରାଜଶ୍ରୀ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଫିଲ୍ମ 'ମୈନେ ପ୍ୟାର କିୟା'ରେ। ଏଥିରେ ତାଙ୍କ ଭୂମିକାଟି ଥିଲା 'ପ୍ରେମ୍'। ତାଙ୍କ ସହ ଏହି ଫିଲ୍ମରୁ ନାୟିକା ଭାବରେ ନିଜ କ୍ୟାରିୟର ଆରମ୍ଭ କରିଥିଲେ ଭାଗ୍ୟଶ୍ରୀ। ଲଭ୍ ଷ୍ଟୋରିକୁ ନେଇ ନିର୍ମିତ ଏହି ଚିତ୍ରଟି ସୁପରହିଟ୍ ମଧ୍ୟ ହୋଇଥିଲା। କିନ୍ତୁ ସୁରଜ ଯେତେବେଳେ ଏହି ଫିଲ୍ମର ମେଲ୍ ଲିଡ୍ ବିଷୟରେ ଚିନ୍ତା କଲେ ତାଙ୍କ ମନକୁ ପ୍ରଥମେ ବିଶିଷ୍ଟ ଅଭିନେତା ଦାରା ସିଂଙ୍କ ପୁଅ ବିନ୍ଦୁଙ୍କ କଥା ଆସିଥିଲା। ହେଲେ ପରବର୍ତ୍ତୀ ସମୟରେ ସେ ନିଜର ମାନସିକତାରେ ପରିବର୍ତ୍ତନ କରି ଆଉ ଜଣେ ନବାଗତ ପୀୟୂଷ ମିଶ୍ରଙ୍କୁ ବ୍ରେକ୍ ଦେବାକୁ ଚାହିଁଥିଲେ। ହେଲେ ଶେଷରେ ବାଜି ମାରିଥିଲେ ସଲମାନ୍।



ଭାଗ୍ୟଶ୍ରୀ–ସଲମାନ୍

## ମିଳିଗଲେ ଗୁରୁ

ନବାଗତା ଅନନ୍ୟା ପାଣ୍ଡେ। ଦୀର୍ଘଦିନ ଧରି ସେ ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ସେ କ'ଣ ଖୋଜୁଥିଲେ ଜାଣନ୍ତି ? ଗୁରୁ, ଯିଏ କି ତାଙ୍କୁ ଆକ୍ଟିଂ ସମ୍ପର୍କରେ ଟିପ୍ସ ଦେଇପାରିବ। କଥା କ'ଣ କି ନିକଟରେ ସେ ଶପିଂ କରିବାକୁ ଏକ ମଲ୍‌କୁ ଯାଇଥିଲେ। ଶପିଂ କରୁ କରୁ ତାଙ୍କର ଭେଟ ହୋଇଥିଲା ଆଲିଆ ଭଟ୍ଟଙ୍କ ସହ। କିଛି ସମୟ କଥା ହେବାପରେ ଦୁହେଁ କଫି ପବ୍‌କୁ ଯାଇଥିଲେ। ବାସ୍, କଥା କଥାରେ ଆଲିଆଙ୍କୁ ଅଭିନୟ ସମ୍ପର୍କରେ ପଚାରିଥିଲେ ଅନନ୍ୟା। ବାସ୍, ଏହାର ଉତ୍ତରରେ ଆଲିଆ ଯାହା କହିଥିଲେ ତାହା ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଅନନ୍ୟା କହନ୍ତି, 'ସେଦିନ ଆକ୍ଟିଂକୁ ନେଇ ଆଲିଆଙ୍କର କିଛି କଥା ମୋତେ ବେଶ୍ ଇମ୍ପ୍ରେସ କରିଥିଲା। ମୁଁ ତ ଏବେ ଇଣ୍ଡଷ୍ଟ୍ରିରେ ନୂଆ। ତେଣୁ ଆକ୍ଟିଂ ଲାଇନ୍‌ରେ ମୋତେ ଅନେକ ବାଟ ଯିବାକୁ ଅଛି। ଏ ନେଇ ଆଲିଆ ମୋତେ ଯେଉଁ ଟିପ୍ସ ଦେଇଛନ୍ତି ତାହାକୁ ନିଶ୍ଚୟ ମାନିବି।'' ଦେଖାଯାଉ, ଆଲିଆଙ୍କ ଆକ୍ଟିଂ ଟିପ୍ସ ଅନନ୍ୟାଙ୍କ କ୍ୟାରିୟରରେ କି ମୋଡ଼ ଆଣୁଛି।



ଅନନ୍ୟା

## ଅପେକ୍ଷାର ଫଳ ମିଠା


ସତରେ ଅପେକ୍ଷାର ଫଳ ମିଠା। ନବାଗତା ଆହାନାଙ୍କ ପ୍ରଥମ ସିନେମା 'ବ୍ଲାକ୍‌ମେଲ' ରିଲିଜ ହେବା ପରେ ବେଶ୍ କିଛି ମାସ ଧରି ସେ ଖାଲି ହାତରେ ବସିଥିଲେ। ଏହାର ଅର୍ଥ ନୁହେଁ ଯେ ତାଙ୍କୁ ଅଫର ମିଳୁ ନ ଥିଲା। ଯେଉଁ ଅଫର ମିଳୁଥିଲା ତାକୁ ସେ ରେଡ୍ ସିଗ୍‌ନାଲ ଦେଖାଉଥିଲେ। କାରଣ ଆକ୍ଟିଂ ସହ ପାଠପଢ଼ାରେ ବ୍ୟସ୍ତ ଥିଲେ ସେ। ହେଲେ ଏବେ ଆକ୍ଟିଂକୁ ବେଶ୍ ସିରିୟର ଭାବରେ ନେବାକୁ ମାଇଣ୍ଡ ମେକ୍‌ଅପ୍ କରିଛନ୍ତ ଏହି ଅଭନେତ୍ରୀ। ନିକଟରେ ତାଙ୍କୁ ୨–୩ଟି ଅଫର ମିଳିଛି। ଏ ନେଇ ଆହାନା କହନ୍ତି, ''କିଛି ମାସ ପାଠପଢ଼ା ପାଇଁ ଆକ୍ଟିଂରୁ ସାମୟିକ ବ୍ରେକ୍ ନେଇଥିଲି। ହେଲେ ଏଣିକି କୌଣସି ଅଫର ମିଳିଲେ ତାକୁ ତର୍ଜମା କରିବି। ନିକଟରେ ଟି. ଗଣେଶଙ୍କ ନିର୍ଦ୍ଦେଶିତ 'ଜଙ୍ଗଲ' ଫିଲ୍ମରେ ଆକ୍ଟିଂ କରିଛି। ଏଥିରେ ମୋ ଭୂମିକା ହେଲା କଇଁ। ଜଙ୍ଗଲରେ ରହୁଥିବା ଜଣେ ଝିଅ କିପରି ସାହସିକତା ଦେଖାଇ ସେଠାରେ ବସବାସ କରୁଥିବା ଲୋକଙ୍କ ଜୀବନ ରକ୍ଷା କରୁଛି ତାହା ଏହି ସିନେମାରେ ଦେଖିବାକୁ ମିଳିବ। ଖାସ୍ କଥା ହେଲା ଏପରି ଏକ ଚ୍ୟାଲେଜିଂ ଭୂମିକା ପାଇଁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିବ। ବିଶେଷଭାବରେ ତୀର ମାରିବା ପାଇଁ ବେଶ୍ କିଛି ଦିନ ପ୍ରାକ୍ଟିସ କରିଥିଲି। ଏବେ ମୋ ହାତରେ ୨–୩ଟି ଅଫର ରହିଛି। ସେଗୁଡ଼ିକୁ ଭଲ ଭାବରେ ତର୍ଜମା କରିବି। କେବଳ କାହାଣୀ ନୁହେଁ, ଭଲ ଭୂମିକାକୁ ସବୁବେଳେ ଗୁରୁତ୍ୱ ଦେବି।' ତେବେ ବଡ଼ ପରଦାରେ ଆହାନା ନିଜ କ୍ୟାରିୟରକୁ କି ମୋଡ଼ ଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା।



ଆହାନା

**ପ୍ରଥମ ରୋଜଗାର**

# ପ୍ରଥମ ଦରମା ଟଙ୍କା ବାପାଙ୍କୁ ଦେଇଥିଲି



ସାମାଜିକ କର୍ମୀ **ଡ. ସୁଶାନ୍ତ ସାହୁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ନଇରୀ ଗାଁରେ ମୋର ଜନ୍ମ। ଶିକ୍ଷାଗତ ଯୋଗ୍ୟତା ଏମ୍.ଏସ୍‌ସି। ତା'ପରେ 'ଚିଲିକା ଉପରେ ଏକପ୍ରକାର ଦଳ ବଢିଯିବା ଦ୍ୱାରା କିପରି ଜଳ ପ୍ରଦୂଷଣ ହୋଇ ମାଛମାନଙ୍କର କ୍ଷତି ହୁଏ ଆଉ ଏହାର ସମାଧାନ ନିମନ୍ତେ କି କି ଉପାୟ ଅବଲମ୍ବନ କରିବା ଦରକାର' ଏହି ବିଷୟବସ୍ତୁକୁ ନେଇ ମୁଁ ପି.ଏଚ୍‌ଡି କାମ ଆରମ୍ଭ କରିଥିଲି। ହେଲେ ତା'ରି ଭିତରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ବିଭାଗରେ ସାଇଣ୍ଟିଫିକ୍ ଅଫିସର ଭାବେ କାମ କରିବାର ସୁଯୋଗ ମୋତେ ମିଳିଥିଲା। ସେଠାରେ ମୁଁ ବର୍ଷେ କାମ କଲି। ଆଉ ସେଠୁ ଯେଉଁ ପ୍ରଥମ ଦରମା ପାଇଲି, ତାକୁ ନେଇ ବାପାଙ୍କ ହାତରେ ଦେଇଥିଲି। ବାପା ବହୁତ ଖୁସି ହୋଇଥିଲେ। ତା'ପରେ ଚାକିରି ଛାଡି ନାରୁଣୀରେ ଏକ କମ୍ପ୍ୟୁଟର ସେଣ୍ଟର ଖୋଲିଲି। କିଛିଦିନ ପରେ ଅର୍ଥାତ୍ ୧୯୯୮ରେ ମୋତେ ଡକ୍ଟରେଟ୍ ଡିଗ୍ରୀ ମିଳିଗଲା। ତା'ପରେ ଟ୍ରେଡିଂ ବିଜ୍‌ନେସ୍ କରିବା ପାଇଁ ଚିନ୍ତା କଲି। ଏଥିପାଇଁ ଭୁବନେଶ୍ୱର ସବୁଠୁ ଭଲ ସ୍ଥାନ ବୋଲି ଭାବି ୨୦୦୨ରେ କମ୍ପ୍ୟୁଟର ସେଣ୍ଟର ବନ୍ଦ କରି ଭୁବନେଶ୍ୱର ଚାଲିଆସିଲି। ସେବେଠାରୁ ଭୁବନେଶ୍ୱରରେ ଏକ ଷ୍ଟୋର୍ ଖୋଲି ଗ୍ରାନାଇଟ୍ସର ଟ୍ରେଡିଂ ବିଜ୍‌ନେସ୍ କରୁଅଛି। ତା'ସହିତ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟରେ ବି ନିଜକୁ ନିୟୋଜିତ କରିପାରିଛି। ବିଦେଶୀ ଶାସନବେଳେ ବିଧର୍ମୀମାନଙ୍କ ଶ୍ରୀମନ୍ଦିର ଆକ୍ରମଣରେ ଆମ ଗାଁ ନଇରୀଠାରେ ପ୍ରଭୁଙ୍କୁ ୨ଥର ଗୋପନରେ ରଖାଯାଇଥିଲା। କିନ୍ତୁ ଏଭଳି ଏକ ପୁଣ୍ୟକ୍ଷେତ୍ର ସମ୍ପର୍କରେ ଖୁବ୍ କମ୍ ଲୋକ ଅବଗତ ଥିବାରୁ ଏହାକୁ ଏକ ପର୍ଯ୍ୟଟନସ୍ଥଳୀ ଭାବେ ପରିଣତ କରିବାକୁ ସାଧାରଣରେ ଆମେ କେତେଜଣ ବ୍ୟକ୍ତି ଆଗେଇ ଅସିଥିଲୁ। ଫଳରେ ୨୦୧୪ରେ ନଇରୀର ହରିହରେଶ୍ୱରଙ୍କ ପୀଠରେ ଏକ ସିଂହାସନ ପ୍ରତିଷ୍ଠା କରି ତା'ଉପରେ ପ୍ରଭୁଙ୍କ ରହଣି ସମୟରେ ନିର୍ମିତ ହୋଇଥିବା ୩ଟି ଚକାପଥରକୁ ପୁନଃ ସ୍ଥାପନ କରିବାର ସୁଯୋଗ ପାଇଲୁ। ତା'ପରଠୁ ଗୋଟେ ପରେ ଗୋଟେ ଉନ୍ନତିମୂଳକ କାମ ଚାଲୁରହିଛି। ଶ୍ରଦ୍ଧାଳୁମାନଙ୍କର ବି ସହଯୋଗ ବଢ଼ିବାରେ ଲାଗିଛି। ଆମ ଗାଁ ନିକଟ ଚିଲିକା ମଧ୍ୟରେ ଥିବା ମହାପ୍ରଭୁଙ୍କର ଗୋପନ ଆଶ୍ରୟସ୍ଥଳୀ କାଙ୍କଣ ଶିଖରୀର ପୁନରୁଦ୍ଧାର ଓ ବିକାଶ ଦିଗରେ ବି କାର୍ଯ୍ୟ କରିବାର ସୌଭାଗ୍ୟ ମିଳିଛି। କାଙ୍କଣ ଶିଖରୀକୁ ଶ୍ରଦ୍ଧାଳୁମାନେ ଜଳପଥରେ କିପରି ସୁବିଧାରେ ଯାଇପାରିବେ, ସେଥିପାଇଁ ସମସ୍ତଙ୍କ ସହଯୋଗରେ ଏବେ ସେଠାରେ ଦୁଇଟି ଡଙ୍ଗାର ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷେ ଗାଁ ନିକଟସ୍ଥ ଗଙ୍ଗାଧରପୁର ରେଳଷ୍ଟେଶନଠାରେ ଏକ ଫାଷ୍ଟ ପାସେଞ୍ଜର୍ ଟ୍ରେନ୍ ରହଣିର ସୁବିଧା ମଧ୍ୟ କରାଯାଇଛି। ଯଦ୍ଦ୍ୱାରା ଶ୍ରଦ୍ଧାଳୁଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏପରି କି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ସାହାଯ୍ୟ ଓ ସହଯୋଗ ଯୋଗୁ ମହାପ୍ରଭୁଙ୍କର ଏହି ପବିତ୍ର ପୀଠ ଧୀରେ ଧୀରେ ଉନ୍ନତି ପଥରେ ଆଗେଇ ଚାଲିଛି। ତା'ସହିତ ବିଭିନ୍ନ ସାମାଜିକ କର୍ମୀ ଓ ଲୋକପ୍ରତିନିଧିଙ୍କ ସହଯୋଗ ବି ରହିଛି। ଯେଉଁଥିପାଇଁ ଗତବର୍ଷ ଉକ୍ତ ପୀଠରେ ପାଳିତ ହୋଇଥିବା ଶ୍ରୀଜଗନ୍ନାଥ ମହୋତ୍ସବ ଅବସରରେ ପୁରୀ ଗଜପତି ମହାରାଜାଙ୍କ ଆଗମନ ମୋ ପାଇଁ ଓ ମୋ ଅଞ୍ଚଳବାସୀଙ୍କ ଲାଗି ବେଶ୍ ସୌଭାଗ୍ୟର ବିଷୟ ହୋଇପାରିଛି। ତେବେ ପ୍ରଭୁଙ୍କର ଏସବୁ କାମ ବ୍ୟତୀତ ଶ୍ରୀଜଗନ୍ନାଥ ସଂସ୍କୃତି, ଐତିହ୍ୟ, ଲୀଳାକ୍ଷେତ୍ର ସମ୍ପର୍କିତ ଅନେକ ପ୍ରବନ୍ଧ ବି ମୋର ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। ତା'ସହିତ 'ଦ ହେରିଟେଜ୍ ଅଫ୍ ଲର୍ଡ ଜଗନ୍ନାଥ' ନାମକ ଏକ ୩୦ ମିନିଟ୍‌ର ଡକ୍ୟୁମେଣ୍ଟାରି ଫିଲ୍ମ ବି ମୁଁ କରିଛି, ଯାହା ଏକାମ୍ର ପୁସ୍ତକମେଳାରେ ଲୋକାପ୍ରିୟ ହୋଇସାରିଛି। ତା'ଛଡ଼ା ଏବେ ମୁଁ ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଟ୍ରଷ୍ଟ ଓ ଚିଲିକା ଆଞ୍ଚଳିକ ବିକାଶ ପରିଷଦର ସଭାପତି ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ, ଭୁବନେଶ୍ୱରର ଜଣେ ସଦସ୍ୟ ଭାବେ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇଅଛି। ଶ୍ରୀଜଗନ୍ନାଥ ମହାପ୍ରଭୁ ମୋତେ ତାଙ୍କର କିଛି ସେବା କରିବାକୁ ସୁଯୋଗ ଦେଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି।

# ପ୍ରେମିକାର ହସ କେତେବେଳେ ମିଠା ପୁଣି କେତେବେଳେ ବିଷ

**ପ୍ରଶ୍ନ**–ଯେତେ ଥର ପ୍ରେମ କରୁଛି ସଫଳ ହେଉନି। ପ୍ରେମିକା କଥା ଭାବି ଭାବି ଦିନ ବିତି ଯାଉଛି। କ'ଣ କରିବି ?

*–ତାପସ ରାଉତ, ଢେଙ୍କାନାଳ*

**ଉତ୍ତର:** ପ୍ରେମ କରୁଛନ୍ତି ହେଲେ ଫଳ ଶୂନ। ମନକୁ କେବଳ ସାମୟିକ ଖୁସି ମିଳୁଛି, ଯାହା ପ୍ରେମରେ ଅସଫଳ ହେବା ପରେ ମଉଳିଯାଉଛି। ବାସ୍, ଏହାକୁ ନେଇ ଆପଣ ଟେନ୍‌ସନରେ। ଅର୍ଥାତ୍, 'ଅଲଣା ପ୍ରେମକୁ ଅଥୟ ମନ, ଭାବି ଭାବି ବିତିଯାଉଛି ଦିନ'। ପ୍ରଥମ କଥା ହେଲା ପ୍ରେମ କରିବି ବୋଲି ଭାବି ଆଗେଇଗଲେ ହେବ ନାହିଁ। ଠିକ୍ ରାସ୍ତାରେ ନ ଗଲେ ଏମିତି ଅସଫଳ ହେଉଥିବେ। ତେଣୁ କୌଣସି ସୁନ୍ଦରୀକୁ ଆପ୍ରୋଚ କରିବା ପୂର୍ବରୁ ଏମିତି କାଇଦାରେ ତୀର ମାରନ୍ତୁ ଯେମିତି ତାହା ସଫଳ ହେବ। କେବଳ ବସି ଭାବିଲେ କ'ଣ ହେବ, ବାସ୍ତବତାକୁ ଆସି ମନଲାଖି ମନର ମାନସୀଟିଏ ଚଏସ୍ କରନ୍ତୁ।

**ପ୍ରଶ୍ନ**–ପ୍ରେମିକା ପଛରେ ଆଜିକାଲି ଅନେକ ପ୍ରେମିକ ଟଙ୍କା ଉଡ଼ାଇ ଦେଉଛନ୍ତି। ସେମାନେ ଏପରି କାହିଁକି କରୁଛନ୍ତି ?

*–ସୁନୀଲ, ବରଗଡ଼*

**ଉତ୍ତର:** ବେଳେବେଳେ ଭିଟାମିନ୍–ଏମ୍(ମନି) ଅଭାବରେ ପ୍ରେମର ଗାଡ଼ି ଧକେଇ ଧକେଇ ଚାଲେ। ଆଉ ଏହାର ମହ ମହ ବାସ୍ନା କେତେକ ପ୍ରେମିକାଙ୍କ ନାକରେ ବାଜିଲେ ସେମାନଙ୍କ ମନ ଖାଲି ଆକାଶରେ ଉଡ଼େ। ସେପରି ପ୍ରେମିକାଙ୍କ ସହ ଆଉ ଠାଣିରେ ପାଗଳ ହୋଇ ଅନେକ ପ୍ରେମିକ ଟଙ୍କାର ବର୍ଷା କରିଦେଇଥାଆନ୍ତି। ହେଲେ ସଚ୍ଚା ପ୍ରେମର ପରିମାପକ ଟଙ୍କା ନୁହେଁ। ନିର୍ମଳ ହୃଦୟ ଦୁଇଟି ଏକାଠି ହେଲେ ହିଁ ଅସଲ ପ୍ରେମ ସୃଷ୍ଟି ହୋଇଥାଏ। ଆଉ ଯେଉଁମାନେ ପ୍ରେମକୁ ସବୁବେଳେ ଟଙ୍କାର ନିକିତିରେ ମାପନ୍ତି ସେମାନେ ଅସଲ ପ୍ରେମର ମଜା ନେବାରେ ବିଫଳ ହୋଇଥାଆନ୍ତି।

**ପ୍ରଶ୍ନ**–ସୁନ୍ଦରୀଟିଏ ମୋତେ ଏମିତି ଧୋକା ଦେଇ ଚାଲିଗଲା ଯେ ଆଉ ପ୍ରେମ କରିବାକୁ ମନ ହେଉନି। ମୋ ଭଙ୍ଗା ମନକୁ କିପରି ପୁଣି ଥରେ ଆକ୍ଟିଭ କରିବି ?

*–ଆଦିତ୍ୟ ପ୍ରଧାନ, କେନ୍ଦ୍ରାପଡ଼ା*

**ଉତ୍ତର:** ମନ ଏପରି ଏକ ଜିନିଷ ଯାହା ଥରେ ଭାଙ୍ଗିଗଲେ ତାକୁ ପୁଣି ଥରେ ଆକ୍ଟିଭ କରିବା କଷ୍ଟ। ହେଲେ ଯଦି ପୁଣି ନିଜ ମନକୁ ଆକ୍ଟିଭ କରି ପ୍ରେମ ରାସ୍ତାର ପଥିକ ହେବାକୁ ଚାହୁଁଛନ୍ତି ତେବେ ପୁରୁଣା ପ୍ରେମକୁ ଅତୀତ ଭାବି ସମ୍ପୂର୍ଣ୍ଣ ଭାବରେ ଭୁଲିଯାଆନ୍ତୁ। ନ ହେଲେ ତାହା ସବୁବେଳେ ଛାଇ ପରି ଆପଣଙ୍କ ପଛରେ ଘୂରି ବୁଲୁଥିବ। ଆପଣଙ୍କ ମନରୁ ଧୋକା ଅଳିଆ ଯେତେ ଶୀଘ୍ର ପରିଷ୍କାର ହେବ ସେତେଶୀଘ୍ର ପ୍ରେମରେ ନୂଆ ଇନିଂସ ଆରମ୍ଭ କରିବେ। ବାସ୍, ମନକୁ ବଦଳାଇ ନୂଆ ରୂପ ଦିଅନ୍ତୁ । ଏମିତି ପ୍ରେମ କରନ୍ତୁ ଯେମିତି ସୁନ୍ଦରୀ ଆପଣଙ୍କୁ ଛାଡ଼ି କୁଆଡ଼େ ଯିବନି।

**ପ୍ରଶ୍ନ**–ତା'ହସରେ ପ୍ରେମ ଥିଲା। ମୋତେ ସେ ଯେତେବେଳେ ଦେଖିଲା ଏମିତି ହସି ଦେଉଥିଲା ଯେ, ତାକୁ ପ୍ରେମ କରିବାକୁ ମାଇଣ୍ଡ ମେକ୍‌ଅପ୍ କରିନେଇଥିଲି। ଏବେ ତାକୁ ଯେତେଥର ପ୍ରପୋଜ କରୁଛି ସେ 'ଦେଖିବା' କହି ହସି ଦେଇ ଚାଲିଯାଉଛି। ସେ ଏମିତି କାହିଁକି କରୁଛି ?


*–ଅନିକେତ ଦାସ, ଜଟଣୀ, ଖୋର୍ଦ୍ଧା*

**ଉତ୍ତର:** ପ୍ରେମିକାର ହସ କେତେବେଳେ ମିଠା ପୁଣି କେତେବେଳେ ବିଷ। ତେଣୁ ସେହି ହସକୁ ପ୍ରଥମେ ଭଲ ଭାବରେ ପରଖିନେବାର ଥିଲା। ଆପଣ ଯେତେବେଳେ ପ୍ରପୋଜ କରୁଛନ୍ତି ସେ 'ଦେଖିବା' କହି ଚାଲିଯାଉଛି। ଏଥିରୁ ଯାହା ଜଣାପଡୁଛି ଏହି ଚଢ଼େଇ ଆପଣଙ୍କ ମନରେ ବସା ବାନ୍ଧିବା ଆଶା କମ୍। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ। ଯଦି ସମ୍ଭବ ହୁଏ ଚ୍ୟାନେଲ ଚେଞ୍ଜ କରିପାରନ୍ତି।





# ବିବିଧ ଶିଳ୍ପୀ ଲଲାଟମୋହନ



ଓଡ଼ିଶାର କଳାକାରିଗରି ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଶିଳ୍ପୀଙ୍କ ବିଭିନ୍ନ ପାରମ୍ପରିକ କଳାକୃତି ରାଜ୍ୟର କଳା, ସଂସ୍କୃତି ଓ ଐତିହ୍ୟକୁ ସମୃଦ୍ଧ କରିଛି। ସେମାନଙ୍କ କଳାକୃତି ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇପାରୁଥିବାରୁ ଏହା ଦେଖଣାହାରିଙ୍କ ମନକୁ ଛୁଇଁପାରିଥାଏ। ତେବେ ରଙ୍ଗତୂଳୀର ସମ୍ଭାରକୁ ନେଇ ନିର୍ଜୀବ କାନ୍ଭାସ ଉପରେ ଓଡ଼ିଆ ଶିଳ୍ପୀ ଫୁଟାଇଥାନ୍ତି ସଜାଫୁଟା ଫୁଲପରି ସତେଜ ଓ ଜୀବନ୍ତ ମନେ ହେଉଥିବା ପଲ୍ଲୀ ପ୍ରକୃତିର ନିଆରା ଚିତ୍ର। ସେମିତି ଜଣେ ବିଶିଷ୍ଟ ତଥା ବରିଷ୍ଠ ଶିଳ୍ପୀ ହେଲେ ଲଲାଟ ମୋହନ ପଟ୍ଟନାୟକ। ତାଙ୍କର ଜନ୍ମ ୩।୪।୧୯୪୮ ମସିହାରେ। ବାପା ଲକ୍ଷ୍ମୀଧର ପଟ୍ଟନାୟକ। ମା' ନକ୍ଷେତ୍ରମାଳୀ। ଘର ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ହରିପୁର ଶାସନରେ। ପିଲାଟିଦିନରୁ ସେ ରୂପସୀ ଚିଲିକାର ପ୍ରାକୃତିକ ଶୋଭାକୁ ଦେଖି ବିଭୋର ହୋଇପଡ଼ନ୍ତି। ଏମିତିରେ ଅଙ୍କନ କରନ୍ତି ତା'ର ରୂପବର୍ଣ୍ଣାଳିକୁ। ତେବେ ତାଙ୍କ ଜୀବନର ସଂଘର୍ଷମୟ ପଥରେ ସାଧନାକୁ ପୁଞ୍ଜିକରି ସେ ଅଗ୍ରସର ହୋଇଥିବାବେଳେ ତାଙ୍କୁ ମିଳିଛି ଅନେକ ସଫଳତା। ଏବେ ସେ ରୁହନ୍ତି ଖୋର୍ଦ୍ଧାର ସାନପଲା ଅଞ୍ଚଳର ଶାରଳା ଲେନ୍‌ରେ। ସେ କୁହନ୍ତି, ଏକ ରକ୍ଷଣଶୀଳ ପରିବାରେରେ ମୋର ଜନ୍ମ। ପିଲାଟିବେଳୁ ଚିତ୍ର ଆଙ୍କିବା ପ୍ରତି ଥିଲା ମୋର ଅହେତୁକ ଦୁର୍ବଳତା । କାର୍ତ୍ତିକ ମାସରେ ଘର ଅଗଣାର ଚଉରାମୂଳେ ଗୋବରଲିପା ଚଟାଣରେ ଝୋଟି ଚିତା ପକାଇଥିବାରୁ ଗୁରୁଜନଙ୍କଠାରୁ ପ୍ରଶଂସା ପାଇଥିଲି। ତା'ପରେ ଏପରି ଝୋଟି ପକାଇବାର ନିଶା ମୋତେ ଶିଳ୍ପୀ ହେବାର ଅଧିକ ପ୍ରେରଣା ଦେଇଥିଲା। ପ୍ରାୟତଃ ପ୍ରାଚୀନ ସଂସ୍କୃତି, ସାମାଜିକ, ପୌରାଣିକ ଓ ଜଙ୍ଗଲର ଚିତ୍ର ଆଙ୍କିଥାଏ । ପ୍ରଥମେ ଗାଁ ସ୍କୁଲରେ ପଢ଼ାସାରି ନାଚୁଣୀ ଗୋଦାବରୀଶ ବିଦ୍ୟାପୀଠରୁ ପାସ୍ କରି ପରେ ଖୋର୍ଦ୍ଧାର ପ୍ରାଣନାଥ କଲେଜରେ ଗୋଟିଏ ବର୍ଷ ପଢ଼ି ସେଠାରୁ ଶାନ୍ତିନିକେତନର ବିଶ୍ୱଭାରତୀରେ କଳା ଶିକ୍ଷା ଲାଭ କରିଥିଲି। ଏମିତିରେ ପ୍ରାୟ ୮ବର୍ଷ ବିତିଲା। ଗୁରୁ ରାମକିଙ୍କର ବେଜ, ସୁଖମୟ ମିତ୍ର , ଗୌରୀ ଭଞ୍ଜ, ଯମୁନା ସେନ ଓ ଶ୍ୱରୂପ ବସୁଙ୍କଠାରୁ ଶିକ୍ଷା ପାଇ ନିଜକୁ ଧନ୍ୟ ମନେକରିଛି। ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରାଳୟରେ ନିଯୁକ୍ତି ମିଳିବା ପରେ ବୟନ ଶିଳ୍ପରେ କଳାତ୍ମକ ଆଲେଖ୍ୟ ପାଇଁ ସ୍ୱତନ୍ତ୍ର ପରିଚୟ ମିଳିଲା। ଜଳରଙ୍ଗ ଓ ତୈଳରଙ୍ଗ ମାଧ୍ୟମରେ ଚିତ୍ର କରିଥାଏ। ଓଡ଼ିଶା କଳା ସଂସ୍କୃତିକୁ ନେଇ ମହାପ୍ରଭୁଙ୍କ ଦଶାବତାର ଚିତ୍ରକୁ ରୂପାୟିତ କରି ଗୀତଗୋବିନ୍ଦ ପଙ୍‌କ୍ତିକୁ ଯୋଡ଼ି ବାନ୍ଧକଳାରେ ଚାନ୍ଦୁଆ, ସୁରତରଙ୍ଗ, ଅଳଙ୍କାର, ଗଛଲତା, ଫୁଲ, ଫଳ, ଚିତ୍ରରେ ଏପରି କି ନୌକାବିହାର, ନବଗୁଞ୍ଜର, ନବରସ, ଦଶଦିଗପାଳ, ବର୍ଷାକାଳ, ଝାମୁଯାତ୍ରା, ଝୁଲଣ ଇତ୍ୟାଦି ବିଷୟକୁ ନେଇ ଚିତ୍ର ଅଙ୍କନ କରିଛି। ବୟନ ମନ୍ତ୍ରଣାଳୟରୁ ଡିଜାଇନର ଆସିଷ୍ଟାଣ୍ଟ ଡାଇରେକ୍ଟର ପଦବୀରୁ ସେବାନିବୃତ୍ତ ହେଲା ପରେ ବି ନକ୍ସା ପ୍ରସ୍ତୁତ କରୁଥିଲି। ମଣିଷ, ପଶୁ, ପକ୍ଷୀ, ଜୀବଜନ୍ତୁଙ୍କ ଉପରେ ଚିତ୍ର କରିଥାଏ। ସବୁବେଳେ କିଛି ନୂଆ ଚିତ୍ରର ନକ୍ସା କରୁଥିଲୁ। ବିଶେଷକରି ଲୋକକଳା, ମନ୍ଦିର ଗାତ୍ରରେ ଭାସ୍କର୍ଯ୍ୟ, ସାମାଜିକ ଜୀବନଧାରା, ପଲ୍ଲୀ ସଂସ୍କୃତି ବିଷୟକୁ ଆଧାର କରି ଚିତ୍ର ଆଙ୍କିଥାଏ। ବାନ୍ଧକଳାର ବୁଣାକାର ଭାଇମାନେ ମୋ ହସ୍ତଅଙ୍କିତ ଚିତ୍ରକୁ ବୟନ ବସ୍ତ୍ରରେ ରୂପାୟିତ କରିଛନ୍ତି, ଯାହାକୁ ନେଇ ମୋତେ ପୁରସ୍କାର ମିଳିଛି। ଓଡ଼ିଶା ଲଳିତକଳା ଏକାଡେମୀ, ରାଷ୍ଟ୍ରୀୟ ଲଳିତକଳା ଏକାଡେମୀ, ଜୟପୁର ଚିତ୍ରକଳା ଏକାଡେମୀ, କେନ୍ଦ୍ରୀୟ ଭାଷା ପ୍ରତିଷ୍ଠାନ ମହୀଶୂର, କେନ୍ଦ୍ରୀୟ ଫ୍ୟାସନ ଟେକ୍ନୋଲୋଜି ଜୟପୁର, ରାଜସ୍ଥାନ, ଗୁଆହାଟୀ ଆଦି ଅନେକ ସ୍ଥାନରେ ଆୟୋଜିତ କର୍ମଶାଳାରେ ଯୋଗଦେଇଛି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବାରାଣସୀ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହ୍ୟାଣ୍ଡଲୁମ୍, କାଠମାଣ୍ଡୁର ରିମ୍‌ଝିମ୍ ଆର୍ଟସ, କାଶୀ ବିଦ୍ୟାପୀଠ, ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠାନରେ ପରୀକ୍ଷକ ଭାବେ କାର୍ଯ୍ୟ ନିର୍ବାହ କରିଛି। ମୋ କଳାକୃତି ପାଇଁ ଲଳିତକଳା ଏକାଡେମୀ ପୁରସ୍କାର ସମେତ ମନୋମାନିନୀ ଲାଇଫ ଟାଇମ ଆୱାର୍ଡ, ଲାଇଫ ଟାଇମ ଆଚିଭ୍‌ମେଣ୍ଟ ଆୱାର୍ଡ, ଶାରଳା ଆୱାର୍ଡ, ବୟନ ବିଭବ ଆୱାର୍ଡ ଆଦି ଅନେକ ପୁରସ୍କାର ମିଳିଛି। ଏବେ ରାଜ୍ୟ ସଂଗ୍ରହାଳୟ, ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ, ଜୟପୁର ଓ କୋଲକାତା ଆଦି ସ୍ଥାନରେ ମୋ କଳାକୃତି ସଂରକ୍ଷିତ ହୋଇ ରହିଛି, ଯେଉଁଥିପାଇଁ ମୋତେ ନିଆରା ପରିଚୟ ମିଳିଛି।

–ବନବିହାରୀ ବେହେରା















## ହାଃ ହାଃ

### ମାରିବ

ପୁଅ ଝିଅକୁ- ମୁଁ ତୁମକୁ ଭଲ ପାଏ।
ଝିଅ- ଯେମିତି ପତଳା ହେଉଛୁ ଗୋଟେ ମାରିଲେ ଯାଇ କଟକରେ ପଡ଼ିବୁ। କହିଲା କ'ଣ ନା ଭଲ ପାଉଛି।
ପୁଅ-ସତରେ! ଟିକେ ଧୀରେ ମାରିବ ହେଲା। ମୋର ଟିକେ ନଖରା ଯିବାର ଅଛି।

### ସିକ୍ରେଟ୍

ମୋନା ବୟଫ୍ରେଣ୍ଡ ରାକେଶକୁ- ଜାନୁ, ପର୍ସନାଲ ଓ ସିକ୍ରେଟ୍ ଭିତରେ ଫରକ କ'ଣ ?
ରାକେଶ- ସହଜରେ ବୁଝେଇଦଉଛି ଶୁଣ। ତମେ ମୋ ଗର୍ଲଫ୍ରେଣ୍ଡ, ଏଇଟା ହେଉଛି ପର୍ସନାଲ। ଆଉ ତୁମ ସାନ ଭଉଣୀ ବି ମୋ ଗର୍ଲଫ୍ରେଣ୍ଡ, ସେଇଟା ହେଉଛି ସିକ୍ରେଟ୍।

### ଫେଲ୍


ବାପା ପପୁକୁ- ପରୀକ୍ଷାରେ ଫେଲ୍ ହେଲୁ, ଲାଜ ଲାଗୁନି। ଆହୁରି ପୁଣି ହସୁଛୁ।
ପପୁ- ବାପା ମୁଁ ଏଇ କଥା ଭାବି ହସୁଛି ଯେ, ପରୀକ୍ଷାରେ ମୋ ଖାତାରୁ ସବୁ କପି କରିଥିବା ପିଲାର କ'ଣ ହେଉଥିବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ତୱାଙ୍ଗ






**ଅରୁଣାଚଳ ପ୍ରଦେଶସ୍ଥିତ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ହେଉଛି ତୱାଙ୍ଗ। ପର୍ଯ୍ୟଟକ ଏଠାରେ ଆକର୍ଷଣୀୟ ପାହାଡି ଗାଁ ସାଙ୍ଗକୁ ମନ କିଣି ନେଲା ଭଳି ଝରଣା ତଥା ଅନେକ ଦର୍ଶନୀୟ ସ୍ଥାନ ସବୁ ଦେଖିବାକୁ ପାଇପାରିବେ। ଖାସ୍‌କରି ଏଠାକାର ତୱାଙ୍ଗ ମଠ ଆଗନ୍ତୁକଙ୍କୁ ବେଶ୍ ଆକର୍ଷିତ କରିଥାଏ...**

ତୱାଙ୍ଗ ଅରୁଣାଚଳ ପ୍ରଦେଶସ୍ଥିତ ଏମିତି ଏକ ସହର, ଯାହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଖୁବ୍ ଆକର୍ଷଣୀୟ। ସମୁଦ୍ରପତ୍ତନଠାରୁ ପ୍ରାୟ ୩,୦୪୮ ମିଟର ଉଚ୍ଚତାରେ ଥିବା ଏହି ସହରରେ ଦେଖିବା ନିମନ୍ତେ ରହିଛି ଅନେକ ଦର୍ଶନୀୟ ସ୍ଥାନ। ଖାସ୍‌କରି ଏଠାକାର ତୱାଙ୍ଗ୍ ମଠ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ସେହିପରି ତୱାଙ୍ଗର ସଂସ୍କୃତି ଓ ପରମ୍ପରା ବି ବେଶ୍ ମନଛୁଆଁ। ଫଳରେ ଏଠାକୁ ବୁଲିଗଲେ ଅନେକ ଅନୁଭୂତି ସାଉଁଟିବାର ସୁଯୋଗ ମିଳିଥାଏ।

### ତୱାଙ୍ଗ ମଠ

ଏହା ଏକ ବୌଦ୍ଧମଠ। ଏହି ମଠର ନିର୍ମାଣ କାର୍ଯ୍ୟ ମେରାକ ଲାମା ଲୋଡ୍ରେ ଗ୍ୟାଟ୍‌ସୋଙ୍କ ଦ୍ୱାରା ୧୬୮୦-୮୧ ମସିହାବେଳେ କରାଯାଇଥିଲା। ସ୍ଥାନୀୟ ଏକ ପାହାଡ ଉପରେ ସ୍ଥାପିତ ହୋଇଥିବା ଉକ୍ତ ମଠଟି ସମୁଦ୍ରପତ୍ତନଠାରୁ ପ୍ରାୟ ଦଶ ହଜାର ଫୁଟ ଉଚ୍ଚତାରେ ରହିଅଛି, ଯଦ୍ୱାରା ଏହି ସ୍ଥାନରେ ଠିଆ ହେଲେ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିହୁଏ। ତା'ଛଡ଼ା ଆକାର ଦୃଷ୍ଟିକୋଣରୁ ବି ତୱାଙ୍ଗ ମଠକୁ ଭାରତର ଅନ୍ୟତମ ବଡ଼ ମଠ ବୋଲି ମଧ୍ୟ କୁହାଯାଇଥାଏ, ଯେଉଁଠାରେ ଏକକାଳୀନ ସହସ୍ରାଧିକ ବୌଦ୍ଧ ସାଧୁ ରହିବାର ସୁବିଧା ଉପଲବ୍ଧ। ସେହିପରି ଏହି ମଠରେ ବୁଦ୍ଧଦେବଙ୍କର ଏକ ବିରାଟକାୟ ପ୍ରତିମୂର୍ତ୍ତି ବି ରହିଛି। ଅନ୍ୟପକ୍ଷେ ମଠ ନିକଟରେ ଏକ ଜଳଧାରା ମଧ୍ୟ ପ୍ରବାହିତ ହେଉଅଛି, ଯାହା ଦେଖିବାକୁ ଖୁବ୍ ସୁନ୍ଦର ହେବା ସହିତ ମଠରେ ଆବଶ୍ୟକ ହେଉଥିବା ଜଳାଭାବକୁ ବି ଦୂର କରି ଦେଇଥାଏ।







### ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ

ପର୍ଯ୍ୟଟକ ଏଠାରେ ତୱାଙ୍ଗ ମଠ ବ୍ୟତୀତ ଅନେକ ପାହାଡ, ଘାଟି, ପାହାଡି ଗାଁ, ଝରଣା ଆଦି ବି ଦେଖିପାରିବେ। ଏସବୁ ବ୍ୟତୀତ ତୱାଙ୍ଗରେ ଇତିହାସ, ଧର୍ମ ତଥା ପୌରାଣିକ କଥାବସ୍ତୁର ଅନେକ ଉଦାହରଣ ଦେଖିବାକୁ ମିଳେ। ଫଳରେ ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ଅନେକ ନୂଆ ସ୍ଥାନ ଭ୍ରମଣ କରିବା ସହ ସ୍ଥାନୀୟ ଅଞ୍ଚଳର କଳା, ସଂସ୍କୃତି ସମ୍ପର୍କରେ ଅବଗତ ହୋଇପାରିବେ।

### କେବେ ଯିବେ

ତୱାଙ୍ଗ ଯିବା ପାଇଁ ବର୍ଷର ସବୁ ସମୟ ଠିକ୍ ଥିଲେ ହେଁ, ଖାସ୍ କରି ଶୀତଦିନେ ଏଠାକୁ ପର୍ଯ୍ୟଟକ ବୁଲିଯିବା ପାଇଁ ଅଧିକ ପସନ୍ଦ କରିଥାନ୍ତି। ଏହାର ମୁଖ୍ୟ କାରଣ ହେଉଛି ଶୀତଦିନେ ଏଠାକାର ସ୍ଥାନେ ସ୍ଥାନେ ତୁଷାରପାତ ହୋଇଥାଏ, ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ। ତା'ଛଡ଼ା ତୁଷାରପାତ ହେଲେ ଏଠାରେ ସ୍କିଂ କରିବାକୁ ବି ସୁବିଧା ହୋଇଥାଏ।

### କେମିତି ଯିବେ

ଏଠାକୁ ଯିବା ପାଇଁ ଗମନାଗମନର ବି ବେଶ୍ ଭଲ ବ୍ୟବସ୍ଥା ରହିଛି। ତେବେ ଗୌହାଟୀ ଏୟାରପୋର୍ଟ ଏବଂ ତେଜପୁର ଏୟାରପୋର୍ଟ ହେଉଛି ତୱାଙ୍ଗର ଦୁଇ ନିକଟବର୍ତ୍ତୀ ପ୍ରମୁଖ ବିମାନବନ୍ଦର। ସେହିପରି ଏହାର ନିକଟବର୍ତ୍ତୀ ରେଳଷ୍ଟେଶନ ହେଉଛି ନାହାରଲାଗୁନ୍। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ପର୍ଯ୍ୟଟକ ନିଜ ସୁବିଧାନୁସାରେ ଯେଉଁଥିରେ ଚାହିଁବେ ସେଥିରେ ଯାଇ ଆରାମରେ ତୱାଙ୍ଗରେ ପହଞ୍ଚିପାରିବେ।







# ନିଜେ ପାଳୁଛି ନିଜର ସାହାରା

ଚାଇନାର ଡାଙ୍ଗ ଭାନ ଖୁୟେନ। ବୟସ ମାତ୍ର ୧୦ ବର୍ଷ। ହେଲେ ଦୁଃଖର ପାହାଡ ଯେମିତି ତାରି ଉପରେ ଅଜାଡି ହୋଇଯାଇଛି। କଅଁଳ ବୟସରୁ ପ୍ରଥମେ ମା'କୁ ହରାଇଲା। ତା'ପରେ ଜେଜେମା' ସାଜିଲେ ସାହା ଭରସା। ତାଙ୍କରି ପାଖରେ ରହି ହସଖୁସିରେ ଦିନ ବିତୁଥାଏ। ବାପା ବାହାରେ କାମ କରି ଟଙ୍କା ପଠାଉଥିଲେ। ଯେନତେନ ପ୍ରକାରେ ଚଳି ଯାଉଥିଲେ ଦୁଇ ପ୍ରାଣୀ। ହେଲେ ଦଇବ ଦାଉ ସାଧିଲା। ବାର୍ଦ୍ଧକ୍ୟରୁ ଜେଜେମା' ବି ଆରପାରିକୁ ଚାଲିଗଲେ। ଡାଙ୍ଗ ଭାନ ହୋଇଗଲା ସମ୍ପୂର୍ଣ୍ଣ ଏକୁଟିଆ। କିନ୍ତୁ ନିଜକୁ ସମ୍ଭାଳିବା ସେ ଶିଖିବାକୁ ଲାଗିଲା। ରୋଷେଇ କରିବାଠୁ ଆରମ୍ଭ କରି ବାସନ ମଜା, ଏମିତି କି ନିଜେ ସ୍କୁଲ ଯିବା ପାଇଁ ପ୍ରସ୍ତୁତ ହେବା ଶିଖିଲା। ତେବେ ଦିନେ ସ୍କୁଲରେ ଥିବାବେଳେ ଖବର ପାଇଲା ବାପା କାମ କରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ଡାଙ୍ଗ ଭାନ ହୋଇଗଲା ସମ୍ପୂର୍ଣ୍ଣ ଏକା। ହେଲେ ପରିସ୍ଥିତି ସହ ଖାପଖୁଆଇ ଜିଇବାକୁ ହେବ। ତେଣୁ ନିଜକୁ ସମ୍ଭାଳିବା ପାଇଁ ସାହସ ଜୁଟାଇଲା। ଏବେ ସେ ନିଜେ ଘରକରଣା ସବୁ କାମ କରିବା ସହ ପନିପରିବା ଚାଷ କରୁଛି। ଆଉ ପ୍ରତିଦିନ ସ୍କୁଲ ବି ଯାଉଛି। କଠିନ ପରିଶ୍ରମ କରି ପାଠ ପଢୁଛି। ଡାଙ୍ଗ ଭାନର ଏହି ପରିସ୍ଥିତି ଦେଖି ବିଦ୍ୟାଳୟର ଶିକ୍ଷକ ତା' ପାଇଁ ଏକ ଭଲ ପରିବାର ଯୋଗାଡ କରିବାକୁ ଚେଷ୍ଟା କରିଛନ୍ତି। ହେଲେ ଡାଙ୍ଗ ଭାନ ଚାହେଁନା ପୋଷ୍ୟ ସନ୍ତାନ ହେବାକୁ। ଡାଙ୍ଗ ଭାନ ମତରେ ସେ ନିଜକୁ ଭଲରେ ସମ୍ଭାଳିପାରିଛି। ତେଣୁ ସେ ଏକୁଟିଆ ରହିବାକୁ ଚାହେଁ। ହେଲେ ଦିନ ସରିଯାଇ ରାତି ହୋଇଗଲେ ଏକୁଟିଆ ଶୋଇବା ତା' ପାଇଁ ଭାରି କଷ୍ଟକର ହୋଇପଡେ।

## କାର୍ଟୁନ କର୍ନର



# ‘ମିଛରେ ନୁହେଁ; ସେଦିନ ସତରେ କାନ୍ଦିଥିଲି’

କଳାକାରଟିଏ କେତେବେଳେ ହସି ଆମକୁ ହସାଏ ତ କେତେବେଳେ କାନ୍ଦି ଆମକୁ କନ୍ଦାଏ। ତେବେ ହସି ହସାଉଥିବା କଳାକାରଟି ଯେ ସତରେ ହସୁଥାଏ ତାହାର କିଛି ଗ୍ୟାରେଣ୍ଟି ନାହିଁ। ହୁଏତ ଭିତରେ ବି ରହିଥାଇପାରେ ଅସୁମାରି ଦୁଃଖ। ମାତ୍ର ସେ କଳାକାର। କଳା ପରିବେଷଣ କରି ଦର୍ଶକଙ୍କୁ ଖୁସି ଦବା ତା’ର ପ୍ରଥମ କାମ। ଯାତ୍ରାଜଗତର ଅଲରାଉଣ୍ଡର ଅଭିନେତା ଦୀପକ ରଞ୍ଜନ ବୋଷଙ୍କ କଥା ଶୁଣିଲେ ଠିକ୍ ଏଇଆ ହିଁ ମନେହୁଏ। ଦୀପକବାବୁ ତାଙ୍କ କଳାକାର ଜୀବନର ଏକ ଅଭୁଲା କଥା ବଖାଣିବାକୁ ଯାଇ କହନ୍ତି: ସେତେବେଳେ ସେ ଓମ୍ ଶ୍ରୀ ଯାତ୍ରାନୁଷ୍ଠାନରେ ଅଭିନୟ କରୁଥାନ୍ତି ମା’ଙ୍କର ଦେହ ଅସୁସ୍ଥ ଥାଏ। ମା’ଙ୍କର ବି ଦେଖାଶୁଣା କରୁଥାନ୍ତି। ତେବେ ଦିନେ ମା’ ଭୀଷଣ ଅସୁସ୍ଥ ହୋଇପଡ଼ିଲେ। ସେ ଆସି ମା’ଙ୍କୁ ଭୁବନେଶ୍ୱରର ଆୟୁଷ ହସ୍ପିଟାଲ୍‌ରେ ଭର୍ତ୍ତିକଲେ। ଯାତ୍ରାପାର୍ଟି ପଡ଼ିଥାଏ ମୟୂରଭଞ୍ଜ ଉଦଳାରେ। ରାତି ଏଗାରଟା। ମେଲୋଡ଼ି ଆରମ୍ଭ ହୋଇ ସାରିଲାଣି। ଆଉ ଅଧଘଣ୍ଟାଏ ପରେ ଯାତ୍ରା ଆରମ୍ଭ ହେବ। ହଠାତ ଖବର ଯାଇ ପହଞ୍ଚିଲା ମା’ ଚାଲିଗଲେ। ଦୀପୁ କହନ୍ତି : ଖବରଟା ଶୁଣି ତାଙ୍କ ଆଗରେ ଅନ୍ଧାର ଘୋଟିଗଲା। ମା’ର ମୁହଁଟା ନାଚିବାକୁ ଲାଗିଲା ଆଖି ଆଗରେ। ଲୁହ ବନ୍ଧବାଡ଼ ମାନିଲାନି। ଇଚ୍ଛା ହେଉଥିଲା ସେ ଏଇକ୍ଷଣି ଫେରିଯାଆନ୍ତେ ମା’ ପାଖକୁ। ହେଲେ ଉପାୟ ନ ଥିଲା। କଳାକାର ପରା। ଯାତ୍ରା ତ କରିବାକୁ ହେବ। ଆରମ୍ଭ ହେଲା ନାଟକ। ସେଦିନ ନାଟକ ଥିଲା ‘ଦିଅଁ ପୂଜିବାକୁ ଦେଉଳ ମନା’। ଯୋଗକୁ ପ୍ରଥମ ସିନ୍ ମା’ ପୁଅଙ୍କର ସିନ୍। ବଡ଼ଭାଇ ମା’କୁ ଗାଳିଗୁଲଜ କରୁଛି। ସେ ଯାଇ ମା’କୁ ଆଶ୍ୱାସନା ଦେଉଛନ୍ତି। ମା’ର ଦୁଃଖରେ ଦୁଃଖୀ ହେଉଛନ୍ତି। ତାଙ୍କୁ ଲାଗୁଥିଲା ଯେମିତି ସେ ଅଭିନୟ କରୁନାହାନ୍ତି। ସତକୁସତ ମଞ୍ଚରେ ଅଛନ୍ତି ତାଙ୍କ ମା’। ସେ ଅଭିନୟ ଆଉ ଅଭିନୟ ହୋଇ ରହି ନ ଥିଲା। ସତ ଘଟଣା ପାଲଟି ଯାଇଥିଲା। ଯେଉଁ ସଂଳାପ ସବୁ ବାହାରୁଥିଲା ତାହା ଯେମିତି ତାଙ୍କ ଛାତି ଭିତରୁ ବାହାରୁଥିଲା। ଆଖିରୁ ଯେଉଁ ଲୁହ ଝରୁଥିଲା ତାହା ସତସତିକା ଲୁହ ଥିଲା। ମଞ୍ଚତଳେ ଦର୍ଶକ ତାଳି ଦଉଥିଲେ। ହେଲେ ଛାତି ଭିତରେ ଦୁଃଖକୁ ଜାବୁଡ଼ି ଧରିଥିଲେ ଦୀପୁ। ସକାଳେ ସେ ଆସି ମା’ଙ୍କର ଶେଷଦର୍ଶନ କରିଥିଲେ। ଏହି ହେଉଛି ଜଣେ କଳାକାରର ଜୀବନ। ଏହାକୁ ଯିଏ ବରଦାସ୍ତ କରିପାରେ ସେ ହିଁ କଳାକାର ହୋଇପାରେ। ଆଙ୍କରିଂ କରିବା ହେଉ କି ଅଭିନୟ ପୁଣି ସବୁ ଚରିତ୍ରରେ ଅଭିନୟ କରି ସେ ନିଜକୁ ଜଣେ ଅଲରାଉଣ୍ଡର ବୋଲି ସାବ୍ୟସ୍ତ କରିପାରିଛନ୍ତି। କେନ୍ଦ୍ରାପଡ଼ାର ଇନ୍ଦୁପୁରରେ ତାଙ୍କର ଜନ୍ମ। ୨୦୦୦ ମସିହାରେ ରୁକ୍ମିଣୀ ଗଣନାଟ୍ୟକୁ ଆସିଥିଲେ ଜଣେ ଗାୟକ ହେବା ପାଇଁ। ମାତ୍ର ତାଙ୍କର ଚେହେରା ପୁଣି ଆକ୍ଟିଂର ଦକ୍ଷତା ଦେଖି ତାଙ୍କୁ ଅଭିନୟ କରିବାକୁ କୁହାଗଲା। ବାସ୍, ଗାୟକ ହେବାକୁ ଆସିଥିବା ଦୀପୁ ନାୟକ ବନିଗଲେ। ସମ୍ପ୍ରତି ସୂର୍ଯ୍ୟମନ୍ଦିରରେ ଅଭିନୟ ଜାରି ରଖିଥିବା ଦୀପୁ ପୂର୍ବରୁ ‘ତ୍ରିନାଥ’, ‘ଧଉଳି’, ‘ଓମ୍‌ଶ୍ରୀ’, ‘ପାର୍ବତୀ’, ‘ଗୌରୀ’ ଆଦିରେ ଅଭିନୟ କରି ନିଜର ଦକ୍ଷତା ଦେଖାଇ ସାରିଛନ୍ତି।



ଦୀପକ ରଞ୍ଜନ ବୋଷ

# ଗୀତ ଆଣିଲା ଯାତ୍ରାକୁ

ମମତା ବାରିକ। ଓଡ଼ିଆ ଯାତ୍ରା ଜଗତର ଜଣେ ସ୍ୱନାମଧନ୍ୟ ଗାୟିକା। କେବଳ ସେ ଗାୟିକା ନୁହନ୍ତି; ଜଣେ ଆଙ୍କର ଭାବରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଜଗତ୍‌ସିଂହପୁରର ଶରତଚନ୍ଦ୍ର ଦାଶ ଓ ମଞ୍ଜୁବାଳା ଦାଶଙ୍କ କୋଳରେ ଜନ୍ମଗ୍ରହଣ କରିଥିବା ମମତା ପିଲାଟି ବେଳୁ ଗୀତ ଗାଉଥିଲେ। ସ୍କୁଲରେ ମଧ୍ୟ ଗୀତ ଗାଇ ସମସ୍ତଙ୍କ ମନକୁ କିଣି ନେଇପାରୁଥିଲେ। ତାଙ୍କର ଇଚ୍ଛାଥିଲା ସେ ଏକ ବଡ଼ଷ୍ଟେଜରେ ଗୀତ ଗାଆନ୍ତେ। ତାଙ୍କ ଗୀତକୁ ଅନେକ ଲୋକ ଶୁଣନ୍ତେ। ତେବେ ସୁଯୋଗ ମିଳୁ ନ ଥିଲା। ଘର ପାଖରେ ଦୁଇଜଣ ଯାତ୍ରା ସହିତ ସମ୍ପୃକ୍ତ ବ୍ୟକ୍ତିବିଶେଷ ରହିଥିଲେ। ସେମାନେ ଗୁରୁ ବସନ୍ତ ନାୟକ ଏବଂ ଅଭିନେତା ଶ୍ରୀପତି ସ୍ୱାଇଁ। ଏହି ଦୁଇଜଣ ହିଁ ମମତାଙ୍କ ଭିତରେ ଯାତ୍ରା ପ୍ରତି ମୋହ ସୃଷ୍ଟି କରିଥିଲେ। ସେତିକିନୁହେଁ, ତାଙ୍କର ଯାତ୍ରାକୁ ଆସିବାର ବନ୍ଦୋବସ୍ତ ମଧ୍ୟ କରିଦେଇଥିଲେ। ତେବେ ବାପାମା’ ରାଜି ନ ଥିଲେ ଝିଅ ଯାତ୍ରାକୁ ଯାଉ। ହେଲେ ମମତାଙ୍କର ଗୋଟିଏ ଜିଦ୍ ସେ ଯେମିତି ବି ହେଉ ଯାତ୍ରାକୁ ଯିବେ। ବାସ୍, ସେଇଆ ହେଲା। ସେ ବାପାମା’ଙ୍କ ବିନା ଅନୁମତିରେ ଚାଲିଆସିଲେ ବାଣେଶ୍ୱରୀ ଗଣନାଟ୍ୟକୁ। ପ୍ରଥମେ ଜଣେ ଗାୟିକା ଭାବରେ ଯୋଗଦେଲେ। ଗୀତ ଗାଇବାର ଅନୁଭୂତି ଥିଲା ମମତାଙ୍କର। ତେଣୁ ଷ୍ଟେଜରେ ଗୀତ ଗାଇବାରେ କୌଣସି ଅସୁବିଧା ହୋଇ ନ ଥିଲା। ଇତିମଧ୍ୟରେ ଯାତ୍ରା ଜଗତରେ ସେ କୋଡ଼ିଏ ବର୍ଷ ଅତିକ୍ରାନ୍ତ କରି ସାରିଲେଣି। ରୁକ୍ମିଣୀ ଗଣନାଟ୍ୟ, ତାରିଣୀ ଗଣନାଟ୍ୟ, ସାତଶଙ୍ଖ ଅପେରା, ତୁଳସୀ ଗଣନାଟ୍ୟ, ଶରଧାବାଲି, ତ୍ରିନାଥ ଗଣନାଟ୍ୟ, ସଚ୍ଚିଦାନନ୍ଦ, ଇନ୍ଦ୍ରଭୁବନ ଆଦି ଯାତ୍ରାନୁଷ୍ଠାନରେ କାମ କରି ଚଳିତବର୍ଷ ଅଛନ୍ତି ଯାତ୍ରାଶ୍ରୀ ବିଶ୍ୱ ଦରବାରରେ। ତାଙ୍କର ସ୍ୱାମୀ ଦାମୋଦର ବାରିକ ମଧ୍ୟ ଯାତ୍ରାର ଜଣେ ପୋଖତ ତବଲିଷ୍ଟ। ସେତିକିନୁହେଁ, ଶ୍ୱଶୁର ଗତନାଥ ବାରିକ ମଧ୍ୟ ଜଣେ ତବଲିଷ୍ଟ ଥିଲେ। ଗୋଟେ କଳାକାର ପରିବାରର ବୋହୂ ହୋଇ ନିଜକୁ ଭାଗ୍ୟବତୀ ମଣୁଥିବା ମମତା କହନ୍ତି, ସ୍ୱାମୀଙ୍କ ପ୍ରେରଣା ତଥା ବାପା, ମା’ ଓ ଶାଶୁଶ୍ୱଶୁରଙ୍କ ସ୍ନେହ ତାଙ୍କୁ ଆଗକୁ ଆଗେଇ ନେଉଛି। ଗୋଟିଏ ପୁଅକୁ ନେଇ ସୁଖର ସଂସାର ଗଢ଼ିଥିବା ମମତା ଅନେକ ନାଟକରେ କଣ୍ଠଦାନ କରିଛନ୍ତି। ସେଥିମଧ୍ୟରେ ରହିଛି ଅପାକୁ ସୁନ୍ଦର ରୁପା ପାଉଁଜି, ଗୁମୁରି କାନ୍ଦୁଛି ଲୋଟଣି ପାରା, ଝୁମୁକା ହଜିଲା ଝାଉଁ ବଣରେ, ନଈ ସେପାରି କନକ ଗୋରି, ସିନ୍ଦୂର ଖେଳୁଛି କଣ୍ଢେଇ ଖେଳ, ସୁନ୍ଦରୀ ଝିଅଙ୍କୁ ଦୂରୁ ଜୁହାର, ଗୁପ୍ତ ସମ୍ପର୍କ, ଭଲ ପାଇବାକୁ ଭୟ ଲାଗୁଛି, ଦୁନିଆ କହିବ କିଏ ମୋ ସ୍ୱାମୀ, ବରଷା ରାତିର ସାଥୀ, ତମ କଥା ଭାରି ମନେପଡୁଛି ଏବଂ ଆହୁରି ଅନେକ।



ମମତା

# ଅଳ୍ପକେ ଜୀବନ ବଞ୍ଚିଲା



ସ୍ଲିପ୍‌ୱାକିଂ ବା ନିଦରେ ଚାଲିବା। ଅନେକଙ୍କ କ୍ଷେତ୍ରରେ ଏଭଳି ଘଟଣା ଦେଖିବାକୁ ମିଳିଥାଏ। ତେବେ ଅନେକ ସମୟରେ ଏହା ହାନିକାରକ ମଧ୍ୟ ହୋଇଥାଏ। ଏହି ଘଟଣାଟି ସେହିଭଳି ସ୍ଲିପ୍‌ୱାକିଂରେ ପୀଡ଼ିତ ଜଣେ ଯୁବତୀଙ୍କ ବିଷୟରେ। ଯୁବତୀ ଜଣଙ୍କର ନାମ ଇଲିଏନର। ଲଣ୍ଡନରେ ତାଙ୍କର ଘର। ତାଙ୍କ ମା’ଙ୍କ କହିବାନୁଯାୟୀ ପିଲାଟି ବେଳୁ ସେ ‘ନିଦ୍ରା-ଗମନ’ ରୋଗରେ ପୀଡ଼ିତ ଥିଲେ। ଅନେକ ରାତିରେ ସେ ଝିଅକୁ ସାଥିରେ ଧରି ଶୋଇଥାନ୍ତି। ମାତ୍ର ସକାଳେ ବା ରାତିରେ ନିଦ ଭାଙ୍ଗିବା ବେଳକୁ ଦେଖନ୍ତି ତ ସେ ବିଛଣାରେ ନାହିଁ। ତାକୁ କେଉଁ ଘର କୋଣରେ ନ ହେଲେ ରୋଷେଇ ଘରେ ଶୋଇଥିବା ଦେଖାଯାଏ। ସେ ଭାବିଥିଲେ ବୟସ ବଢ଼ିଲେ ଏହା ମଧ୍ୟ ଭଲ ହୋଇଯିବ। ମାତ୍ର ତାହା ଥିଲା ତାଙ୍କର ଏକ ଭୁଲ ଧାରଣା। ଇଲିଏନର ଭିତରେ ନିଦ୍ରା-ଗମନ ଅଭ୍ୟାସଟି ଏଭଳି ଭାବରେ ବଢ଼ିଗଲା ଯେ, ତାହା ତାଙ୍କ ପରିବାର ଲୋକଙ୍କୁ ଚିନ୍ତାରେ ପକେଇ ଦେଇଛି। ଇଲିଏନର୍‌କୁ ଯେତେବେଳେ ୨୧ବର୍ଷ ବୟସ ସେତେବେଳେ ସେ ଏମିତି ଗୋଟେ କାଣ୍ଡ କଲା ଯାହା ଥିଲା ସେମାନଙ୍କ ଚିନ୍ତାର ବାହାରେ। ନିଦରେ ଶୋଇଥିବା ବେଳେ ଉଠିପଡ଼ିଲା ଇଲିଏନର୍। ହାତରେ ଗୋଟେ ବ୍ଲେଡ୍ ଧରି ଚାଲିବାକୁ ଲାଗିଲା। ସେ ଅନ୍ୟକୁଆଡ଼େ ନୁହେଁ ଯାଇ ପହଞ୍ଚିଲା ବାଥ୍‌ଟବ୍ ଭିତରେ। ବାଥଟବ୍‌ଟି ପାଣିରେ ଭର୍ତ୍ତି ହୋଇଥିଲା। ସେ ସେହି ଟବ୍ ଭିତରେ ପଶି ଗୋଡ଼କୁ ସେଭ୍ କରିବାରେ ଲାଗିଲା। ତେବେ ଗୋଟିଏ ଗୋଡ଼ ସେଭ୍ କରିଛି ସେ ସେହି ଟବ୍ ଭିତରେ ନିଘୋଡ଼ ନିଦରେ ଶୋଇଗଲା। ସକାଳକୁ ତା’ର ବାପମା’ ପାଣି ଭର୍ତ୍ତି ଟବ୍ ଭିତରୁ ଆବିଷ୍କାର କରାଗଲା। ଯଦି ଟବ୍ ଭିତରେ ମୁହଁ ବୁଡ଼ି ଯାଇଥାନ୍ତା ତା’ହେଲେ କ’ଣ ଯେ ଅବସ୍ଥା ହୋଇଥାନ୍ତା ସେକଥା ଚିନ୍ତା କରିପାରୁନାହାନ୍ତି ଇଲିଏନର୍‌ର ବାପାମା’।







# ଗାଈଙ୍କ ପାଇଁ ଭର୍ଚୁଆଲ ରିୟଲିଟି ହେଡସେଟ୍

ଭର୍ଚୁଆଲ ରିୟଲିଟି ହେଡସେଟ୍ ପିନ୍ଧି ଗେମ୍ ଖେଳିବାର ମଜା ଅନେକେ ଉଠାଇଥିବେ। ଏହାବ୍ୟତୀତ ଏହା ମହାକାଶଚାରୀ, ବିମାନଚାଳକଙ୍କ ତାଲିମରେ ବି ବ୍ୟବହୃତ ହୁଏ। ତେବେ ଏଭଳି ଏକ ସ୍ଥାନ ଅଛି, ଯେଉଁଠି ଗାଈଙ୍କୁ ବି ଭିଆର୍ ହେଡସେଟ୍ ପିନ୍ଧାଯାଉଛି। ରୁଷର କୃଷି ଓ ଖାଦ୍ୟ ମନ୍ତ୍ରଣାଳୟ ଗାଈଙ୍କୁ ଏହି ହେଡସେଟ୍ ପିନ୍ଧାଇବା ଆରମ୍ଭ କରିଛି। ଏହି ହେଡସେଟ୍ ପିନ୍ଧାଯାଇ ଗାଈଙ୍କୁ ସବୁଜ ଘାସପଡିଆ ଦେଖାଯାଉଛି। ବିଶେଷଜ୍ଞଙ୍କ ମତରେ ଏହାକୁ ପିନ୍ଧାଇବାର ଉଦ୍ଦେଶ୍ୟ ହେଉଛି ଏହା ଜାଣିବା ଯେ, ପିନ୍ଧାଇବା ପରେ ସେମାନଙ୍କ ଦୁଗ୍ଧ ଉତ୍ପାଦନ କ୍ଷମତା ବଢୁଛି ନା ନାହିଁ। ଯଦିଓ ପ୍ରଥମ ପରୀକ୍ଷଣରେ ଗାଈଙ୍କର ଚିନ୍ତା ଅନେକାଂଶରେ ଦୂର ହୋଇଛି। ଯେହେତୁ ରୁଷରେ ବର୍ଷର ଅଧିକାଂଶ ସମୟ ବରଫ ପଡିଥାଏ ତେଣୁ ସବୁଜିମା ଦେଖିବାକୁ ମିଳି ନ ଥାଏ। ଫଳରେ ଗାଈଙ୍କ ଦୁଗ୍ଧ ଉତ୍ପାଦନ କ୍ଷମତା ପ୍ରଭାବିତ ହୋଇଥାଏ। ଆଉ ସେମାନଙ୍କର ଚିନ୍ତା ବଢିଯାଇଥାଏ। ଏହି ଚିନ୍ତା ଦୂର କରିବା ଲାଗି ଭିଆର୍ ହେଡସେଟ୍ ପିନ୍ଧାଯାଉଛି, ଯଦ୍ବାରା ସେମାନଙ୍କୁ ସବୁଜ ପଡିଆରେ ବୁଲିବା ଭଳି ଅନୁଭବ ହେଉଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରୁଛି ଓ ଦୁଗ୍ଧ ଉତ୍ପାଦନ ବି ବୃଦ୍ଧି ଘଟୁଛି।

# ସବୁଠୁ ଷ୍ଟ୍ରଙ୍ଗ ଜ୍ୟାକେଟ୍

ଶୀତଦିନ ଆସିଲେ ବଢିଯାଏ ଶୀତବସ୍ତ୍ରର ଚାହିଦା। ନାନା ପ୍ରକାରର ଷ୍ଟାଇଲିଶ୍ ଶୀତବସ୍ତ୍ର ପିନ୍ଧି ଶୀତରେ ବି ଷ୍ଟାଇଲିଶ୍ ଲାଗିବାକୁ ସମସ୍ତେ ପ୍ରୟାସ କରନ୍ତି। ତେବେ ଶୀତବସ୍ତ୍ର ମଧ୍ୟରେ ପଫର୍ ଜ୍ୟାକେଟ୍ ଅନ୍ୟତମ। ଏହା ଷ୍ଟାଇଲିଶ ହେବାସହ ଶୀତଦାଉରୁ ବି ରକ୍ଷା କରେ। ତେବେ ନିକଟରେ ଉକ୍ତ ଜ୍ୟାକେଟ୍‌କୁ ଆହୁରି ଖାସ୍ କରିବାକୁ ଯାଇ ଏହାକୁ ତିଆରି କରାଯାଇଛି ପୃଥିବୀର ସବୁଠାରୁ ଷ୍ଟ୍ରଙ୍ଗ ଫାଇବର୍ 'ଡାଇନିମା'ରେ। ଫଳରେ ଏହା ନଷ୍ଟ ହେବା ଅସମ୍ଭବ ହୋଇଯାଇଛି। ଆଡଭେଞ୍ଚର କ୍ଲଦିଂ ବ୍ରାଣ୍ଡ 'ଭୋଲବ୍ୟାକ୍' ଏହାକୁ ତିଆରି କରିଛି। ଜ୍ୟାକେଟ୍‌ର ବାହ୍ୟ ଆବରଣ ଷ୍ଟିଲଠାରୁ ୧୫ଗୁଣ ଅଧିକ ଷ୍ଟ୍ରଙ୍ଗ। ଏହାକୁ ଧାରୁଆ ଛୁରିରେ କାଟି ହେବ ନାହିଁ। ସାଧାରଣତଃ ଏହି ଫାଇବର୍‌କୁ ଶରୀରର କବଚ, ଆଣ୍ଟି ବାଲାଷ୍ଟିକ୍ ଭେଇକଲ୍ ଆରମର୍ ଆଦି ତିଆରିରେ ବ୍ୟବହାର କରାଯାଏ। ଏତେ ଷ୍ଟ୍ରଙ୍ଗ ଫାଇଭର୍‌ରେ ଜ୍ୟାକେଟ୍‌ଟି ତିଆରି ହୋଇଥିଲେ ହେଁ, ଏହା ବହୁତ ହାଲ୍‌କା। ଆଉ ଏହାର ମୂଲ୍ୟ ହେଉଛି ୯୮୫ ଡଲାର।









# ମା'ଙ୍କୁ ସ୍କୁଟରରେ କରାଇଲେ ତୀର୍ଥ ଭ୍ରମଣ

ଶ୍ରବଣ କୁମାର ନିଜ କାନ୍ଧରେ ଭାରା କରି ମା'ବାପାଙ୍କୁ ତୀର୍ଥ କରାଇଥିଲେ। ଆଜିର ଯୁଗରେ ବି ସେମିତି ଜଣେ ଶ୍ରବଣ କୁମାର ନିଜ ମା'ବାପାଙ୍କୁ ତୀର୍ଥ କରାଇଛନ୍ତି। ତେବେ ନିଜ କାନ୍ଧରେ ଭାରା କରି ନୁହେଁ ବରଂ ୨୦ ବର୍ଷ ପୁରୁଣା ଚେତକ ସ୍କୁଟରରେ ବସାଇ ତୀର୍ଥ କରାଇଛନ୍ତି। ମା'ଙ୍କର ତୀର୍ଥ କରିବାର ଆଶାକୁ ପୂରଣ କରିବା ପାଇଁ ମହୀଶୂର ନିବାସୀ ଡି. କୃଷ୍ଣ କୁମାର ଶ୍ରବଣକୁମାର ସାଜିଲେ। ଆଉ ବ୍ୟାଙ୍କ ଚାକିରି ଛାଡି ୭୦ ବର୍ଷୀୟା ମା'ଙ୍କୁ ସ୍କୁଟରରେ ବସାଇ ସାରା ଭାରତରେ ଥିବା ତୀର୍ଥସ୍ଥଳ ଭ୍ରମଣ କରାଇଲେ। ମା'ପୁଅ ଦୁହେଁ ୪୮,୧୦୦ କି.ମି.ର ଯାତ୍ରା କରି ତୀର୍ଥସ୍ଥଳ ଭ୍ରମଣ କରିଛନ୍ତି। କୃଷ୍ଣ କୁମାରଙ୍କର ଏହି ମାତୃଭକ୍ତିକୁ ଦେଖି ମହିନ୍ଦ୍ରା ସମୂହର ଚେୟାରମ୍ୟାନ ଆନନ୍ଦ ଗୋପାଳ ମହିନ୍ଦ୍ରା ଟୁଇଟରରେ ପ୍ରଶଂସା କରିବା ସହ କୃଷ୍ଣ କୁମାରଙ୍କୁ ଏକ କାର୍ ଉପହାର ଦେବାକୁ ସ୍ଥିର କରିଛନ୍ତି। ତେବେ ଏହି ହୃଦୟସ୍ପର୍ଶୀ ଘଟଣା ସେତେବେଳେ ଲୋକଲୋଚନକୁ ଆସିଲା ଯେବେ ମନୋଜ କୁମାର ନାମକ ଜଣେ ବ୍ୟକ୍ତି ମା' ପୁଅଙ୍କ ତୀର୍ଥ ସମୟର ଫଟୋ ଓ ତଥ୍ୟକୁ ଶେୟାର କଲେ। ଆଉ ତାହା ଭାଇରାଲ ହୋଇଗଲା। ଏଭଳି ତୀର୍ଥ କରାଇବା ପଛର କାରଣ ସମ୍ପର୍କରେ କୃଷ୍ଣ କୁମାର କହନ୍ତି, 'ଯୌଥ ପରିବାରରେ ଆମେ ବଢିଛୁ। ବାପାଙ୍କ ଦେହାନ୍ତ ପରଠାରୁ ମା'ର ଜୀବନ କେବଳ ରୋଷେଇ ଓ ଘରକାମରେ ସୀମିତ ରହିଗଲା। ତେଣୁ ନିଷ୍ପତ୍ତି ନେଲି ମା'କୁ ପୂରା ସମୟ ଦେବି ଓ ତାକୁ ଖୁସି କରାଇବି। ତା'ର ଇଚ୍ଛା ଥିଲା ତୀର୍ଥ କରିବାକୁ। ସେଥିପାଇଁ ହଜାର ହଜାର କି.ମି. ସ୍କୁଟରରେ ବସାଇ ମା'ଙ୍କୁ ତୀର୍ଥସ୍ଥଳ ଭ୍ରମଣ କରାଇଲି।'